୨୭ତମ ପ୍ରତିଷ୍ଠା ଦିବସ ଅଭିନନ ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.99 Bhubaneswar Tuesday May 27 2025 ୨୭ତମ ବର୍ଷ ସଂଖ୍ୟା–୯୯ ଭୁବନେଶ୍ୱର, ମଙ୍ଗଳବାର, ମଇ ୨୭, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ପାକ୍‌କୁ ମୋଦିଙ୍କ ଚେତାବାନୀ: ଖୁସିରେ ରୁହ, ରୁଟି ଖାଅ ନଚେତ ମୋର ଗୁଳି ଅଛି

ଭୁବନେଶ୍ୱର,୨୬।୫(ପି.ଏନ):ପୁଣିଥରେ ପାକିସ୍ତାନ ଉପରେ ଜୋରଦାର ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ପାକିସ୍ତାନକୁ ଚେତାବନୀ ଦେବା ସହ ଭାରତ ସହ ନ ଲାଗିବା ପାଇଁ ପରାମର୍ଶ ଦେଇଛନ୍ତି। ଗୁଜରାଟର ଭୁଜରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, “ଭାରତ ପର୍ଯ୍ୟଟନରେ ବିଶ୍ୱାସ କରେ। ପର୍ଯ୍ୟଟକ ଲୋକଙ୍କୁ ଏକାଠି କରିଥାଏ। କିନ୍ତୁ ପାକିସ୍ତାନ ଭଳି ଦେଶ ଭାବୁଛନ୍ତି ଯେ ଆତଙ୍କବାଦ ହେଉଛି ପର୍ଯ୍ୟଟନ। ଏହା ପୂରା ବିଶ୍ୱ ପାଇଁ ଗୋଟିଏ ବଡ ବିପଦ।”ପାକିସ୍ତାନକୁ କଡା ଚେତାବାନୀ ଦେଇ ମୋଦି କହିଛନ୍ତି ଯେ ନିଜେ ଭଲରେ ରୁହ ଓ ଅନ୍ୟକୁ ଶାନ୍ତିରେ ରହିବାକୁ ଦିଅ। ନଚେତ ଭାରତର ଗୁଳିର ସାମ୍ନା କର। ସେ କହିଛନ୍ତି, “ସୁଖ ଶାନ୍ତିର ଜୀବନ ବଞ୍ଚ। ରୁଟି ଖାଅ। ନଚେତ ମୋର ଗୁଳି ସବୁବେଳେ ପ୍ରସ୍ତୁତ ହୋଇ ରହିଛି।”

୧୧ ମାସ ହେଲା ସରିଲାଣି ନିର୍ବାଚନ: ଏଯାଏଁ ସରିଲାନି ୩ ପ୍ରମୁଖ ଦଳଙ୍କ ସାଙ୍ଗଠନିକ ନିର୍ବାଚନ ପର୍ବ

ଭୁବନେଶ୍ୱର,୨୬।୫(ପି.ଏନ): ୨୦୨୪ ନିର୍ବାଚନର ୧୧ ମାସ ପରେ ବି ରାଜ୍ୟର ୩ ପ୍ରମୁ ରାଜନୈତିକ ଦଳ ସାଂଗଠନିକ ନିର୍ବାଚନ ପର୍ବ ଶେଷ କରିପାରୁନାହାନ୍ତି । ଶାସକ ବିଜେପି ବେକରେ ରାଜ୍ୟ ମୁଖିଆ ଚୟନ କଣ୍ଟା ଲାଗିଥିବା ବେଳେ ଜିଲ୍ଲା ସଭାପତି ବାଛି ପାରୁନାହିଁ କଂଗ୍ରେସ। ବିଜେଡି କିନ୍ତୁ ବିଜେପି ଓ କଂଗ୍ରେସଠାରୁ ସାଙ୍ଗଠନିକ ନିର୍ବାଚନରେ ଢେର ଆଗରେ ରହିଛି । ବିଜେପି, ବିଜେଡି ଓ କଂଗ୍ରେସ ସଙ୍ଗଠନର ନବକଳେବର କରି ପୁଣି ଥରେ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାକୁ ଯୋଜନା କରିଛନ୍ତି ।ଦଳୀୟ ସାଙ୍ଗଠନିକ ନିର୍ବାଚନ ପର୍ବରେ କିଏ ଆଗରେ ଓ କିଏ ପଛରେ ? ଡେଡଲାଇନ ପରେ ଡେଡଲାଇନ ସରୁଛି ହେଲେ ଶାସକ ବିଜେପିର ରାଜ୍ୟ ମୁଖିଆ କିଏ ହେବ ତାହା ସ୍ଥିର ହୋଇପାରୁନାହିଁ । ବିଜେପିର ପରବର୍ତ୍ତୀ ରାଜ୍ୟ ସଭାପତି କିଏ ହେବ ତାହାକୁ ନେଇ ଦଳରେ ସସପେନ୍ସ ଜାରି ରହିଛି । ରାଜ୍ୟ ନେତୃତ୍ୱରୁ କେନ୍ଦ୍ରୀୟ ନେତୃତ୍ୱ ଯାଏଁ ସଭାପତି ଚୟନ ନେଇ ଚାଲିଛି କସରତ । ଏହାକୁ ନେଇ ଓଡିଶାରେ ବ୍ୟାକଫୁଟରେ ବିଜେପି ସଙ୍ଗଠନ । ଏହାର ପ୍ରଭାବ ବିତୃଣମୂଳସ୍ତରେ ପଡୁଛି।

ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେ।କ’ ୨୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

ବେଦାନ୍ତ ଆଲୁମିନିୟମର ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୨୬।୫(ପି.ଏନ): ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକର ମୁଣ୍ଡେରଖେତ ପଞ୍ଚାୟତ କାର୍ଯ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର । ୨୦୦ରୁ ଅଧିକ ଲୋକଙ୍କୁ ଦିଆଗଲା ସ୍ୱାସ୍ଥ୍ୟସେବା । ବେଦାନ୍ତ ଦ୍ୱାରା ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଓ ନିକଟସ୍ଥ ପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ ଏହି ପଦକ୍ଷେପ ନିଆଯାଇଥିଲା । ହେମଗିରର ମୁଣ୍ଡେରଖେତ ପଞ୍ଚାୟତ ସରପଞ୍ଚ ସନ୍ୟାସୀ ବାଗଙ୍କ ଉପସ୍ଥିତିରେ ହେମଗିର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଶିବିରକୁ ଉଦଘାଟନ କରିଥିଲେ ।ଶିବିରରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ରୋଗ, ଚର୍ମରୋଗ, ଇଏନଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ ଓ ପରାମର୍ଶ ଦିଆଯାଇଥିଲା । କମ୍ପାନୀର ଗୋଷ୍ଠୀ କେନ୍ଦ୍ରୀକ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ‘ବେଦାନ୍ତରେ, ଆମେ ସମସ୍ତଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଉଛୁ । ଏପରି ଶିବିର ମାଧ୍ୟମରେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଓ ଆମ ଗୋଷ୍ଠୀ କଲ୍ୟାଣ ଉପରେ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଛୁ । ଜିଲ୍ଲା ପ୍ରଶାସନ ସହିତ ସହଭାଗୀ ହୋଇ, ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ ସେହି ଅଞ୍ଚଳର ଲୋକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଆମେ ଅଧିକରୁ ଅଧିକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିବୁ । ମୁଣ୍ଡେରଖେତ ସରପଞ୍ଚ ସନ୍ୟାସୀ ବାଗ୍ କହିଛନ୍ତି, ଆମ ଅଞ୍ଚଳର ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଏକ ଚ୍ୟାଲେଞ୍ଜ । ବିଶେଷକରି ବୟସ୍କ ଓ ମହିଳାମାନଙ୍କ ପାଇଁ । ଏହି ମେଗା ସ୍ୱାସ୍ଥ୍ୟ ଶିବିର ଆମ ଅଞ୍ଚଳରେ ଆୟୋଜନ ପାଇଁ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ।ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଓ ତୃଣମୂଳ ସ୍ତରୀୟ କ୍ରୀଡା, ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି । ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବାର ପ୍ରତିବଦ୍ଧତାକୁ ରେଖାଙ୍କିତ କରେ । ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଓ ଉନ୍ନତି ପ୍ରତି ଗୋଷ୍ଠୀ ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ ।

ପରିଚାଳନା କମିଟି ବିନା ପ୍ରସ୍ତୁତ ହେଲା ରଥଯାତ୍ରା ନୀତି ନିର୍ଘଣ୍ଟ, ଭାଙ୍ଗିଲା ଶ୍ରୀମନ୍ଦିର ପ୍ରଶାସନ ପରମ୍ପରା

ଭୁବନେଶ୍ୱର,୨୬।୫(ପି.ଏନ): କୋଟି କୋଟି ଓଡ଼ିଆ ଓ ଜଗନ୍ନାଥ ପ୍ରେମୀଙ୍କ ଆସ୍ଥା ବିଶ୍ୱାସର କେନ୍ଦ୍ର ଶ୍ରୀମନ୍ଦିରର ନୀତି ନିୟମକୁ ମୋଡି ମକର୍ଚ୍ଚ ଦଳି ଦେଲେ । ବିନା ପରିଚାଳନା କମିଟିରେ ରଥଯାତ୍ରାର ବ୍ୟବସ୍ଥାବଳି ପ୍ରସ୍ତୁତରେ ଲାଗି ପଡିଛନ୍ତି ସରକାର। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କଠାରୁ ଆରମ୍ଭ କରି ସେବାୟତ ଝାଡ଼ିଛନ୍ତି ଅସନ୍ତୋଷ । ନିୟମ ବାହାରେ କାର୍ଯ୍ୟ ଓ ଏଭଳି ହେବା ଦ୍ୱାରା ଆଗାମୀ ଦିନରେ ବଡ଼ ବିଭ୍ରାଟକୁ ଏଡାଇ ଦିଆଯାଇ ନପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।ଶ୍ରୀମନ୍ଦିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ପରିଚାଳନା କମିଟି ବିନା ଚାଲିଛି ରଥଯାତ୍ରା ପ୍ରସ୍ତୁତି । ସମ୍ପୂର୍ଣ୍ଣ ଏକ ପାଖିଆ ଭାବେ ସବୁ ନୀତି ନିୟମକୁ ପାଦରେ ଦଳି ଶ୍ରୀମନ୍ଦିରର କାର୍ଯ୍ୟକୁ ଜୋର ଜବରଦସ୍ତ କରାଯାଉଛି । ଯାହାକୁ ନେଇ ଅସନ୍ତୋଷ ବଢିଛି । ଧାରା ୫ ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା କମିଟିରେ ୧୮ ଜଣ ସଦସ୍ୟ ରହିବେ । ଗଜପତି ମହାରାଜ କମିଟିର ଅଧ୍ୟକ୍ଷ ରହିବା ସହ ଶ୍ରମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି, ଆଇନ ବିଭାଗ ସଚିବ, ଦେବୋତ୍ତର କମିଶନର, ପାଞ୍ଚ ଜଣ ସେବକଙ୍କ ସମେତ ମଠ, ମୁକ୍ତି ମଣ୍ଡପ ତଥା ଚଟାର୍ଚ୍ଚ ଆକାଉଣ୍ଟାଣ୍ଟ ରହିବା କଥା ।

୧୦ ବର୍ଷ ପରେ ପୁଣି ଫେରିଲା ଦଶନ୍ଧୀ ପୂଜା, ଅନ୍ୟ ଅଞ୍ଚଳ ଲୋକଙ୍କ ଗାଁ ପ୍ରବେଶ ମନା

ଭୁବନେଶ୍ୱର,୨୬।୫(ପି.ଏନ): ୧୦ ବର୍ଷ ପରେ ଗାଁକୁ ଫେରିଛି ଦଶନ୍ଧୀ ପୂଜା । ଅନେକ ନିୟମ ମାନି ପୂଜାର୍ଚ୍ଚନା କରୁଛନ୍ତି ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ କୁଟଳିଂ ଗାଁ ଲୋକେ । ପୂଜା ସମୟରେ ଗାଁକୁ ଅନ୍ୟ ଅଞ୍ଚଳର ଲୋକ ଯିବା ନିଷେଧ କରାଯାଇଛି । ଗାଁରୁ ରୋଗବ୍ୟାଧି ଦୂର, ବନ୍ୟଜନ୍ତୁଙ୍କ କବଳରୁ ଗ୍ରାମବାସୀଙ୍କୁ ବଞ୍ଚାଇବା ପାଇଁ କରାଯାଉଛି ପୂଜା ।

ଗାଁ ରାସ୍ତା ଶୂନଶାନ । ଆଉ ସମସ୍ତେ ଖାଲି ପାଦରେ ଚାଲୁଛନ୍ତି । କାହା ଘରେ ଜଳୁନି ଚୂଲି, କେହି ଚଲାଉ ନାହାନ୍ତି ସାଇକେଲ କିମ୍ବା ଗାଡି । କାହାରି ଘର ଓଳା ମଧ୍ୟ ଯାଉନି । ସବୁଠୁ ବଡ କଥା ହେଲା ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ବାଉଁଶ ବନ୍ଧା ଯାଇଛି । ଆଉ ପ୍ରବେଶ ପଥରେ ପଡିଛି ଝୋଟି ଚିତା। ଏଭଳି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅଧୀନ କୁଟଳିଂ ଗାଁରେ । ଚାଲିଛି ଦଶନ୍ଧୀ ପୂଜା । ଦୀର୍ଘ ୧୦ ବର୍ଷ ପରେ ପଡିଛି ଶୁଭଲଗ୍ନ, ଆଉ ଗାଁରେ ଚାଲିଛି ପୂଜାର୍ଚ୍ଚନା । ଆଉ ଏହି ଦଶନ୍ଧୀ ପୂଜା ଗାଁର ସୁରକ୍ଷା ଅର୍ଥାତ ରୋଗବ୍ୟାଧି, ବନ୍ୟ ଜୀବଜନ୍ତୁଙ୍କ କବଳରୁ ଗ୍ରାମ ଓ ଗ୍ରାମବାସୀଙ୍କୁ ବଞ୍ଚାଇବା ପାଇଁ କରାଯାଉଛି । ଯେଉଁଥିରେ କୁଟଳିଂ ରାଜସ୍ୱ ଗ୍ରାମ ଅଧୀନରେ ଥିବା ୧୩ ଗୋଟି ଗାଁ ଲୋକେ ସାମିଲ ହୋଇଛନ୍ତି ।ଦୁଇ ଦିନ ଧରି ଚାଲିଥିବା ଏହି ଦଶନ୍ଧି ପୂଜାରେ ଗ୍ରାମବାସୀ ଅନେକ ନିୟମରେ ବନ୍ଧା ଥାନ୍ତି । ଏହି ସମୟରେ ଗ୍ରାମକୁ ଅନ୍ୟ ଅଞ୍ଚଳର ଲୋକ କେହି ଆସିପାରିବେ ନାହିଁ କିମ୍ବା ଗ୍ରାମବାସୀ ମଧ୍ୟ ବାହାରକୁ ଯାଇପାରିବେ ନାହିଁ । ଯଦି କେହି ବାହାର ଲୋକ ଗାଁକୁ ଯାଏ ତେବେ ସେ ମଧ୍ୟ ନିୟମ ମାନିବାକୁ ବାଧ୍ୟ । ସବୁଠାରୁ ବଡ କଥା ପୂଜା ସ୍ଥଳୀକୁ ମହିଳାମାନେ ଯିବେ ନାହିଁ କିମ୍ବା ବାହାର ଲୋକ କେହି ପୂଜା ଚାଲିଥିବା ବେଳେ ଦେଖିପାରିବେ ନାହିଁ । ଦୁଇ ଦିନ ଭିତରେ ସମସ୍ତ ନୀତିକାନ୍ତି ଅନୁସାରେ ତିନି ଦେବାଦେବୀଙ୍କ ପୂଜାର୍ଚ୍ଚନା ପରେ ସରିଥାଏ ନିୟମ । ଆଉ ସ୍ୱାଭାବିକ ଅବସ୍ଥାକୁ ଫେରିଥାଏ ଗାଁ ।

ଅଖିଳ ଭାରତୀୟ ସ୍ୱେଚ୍ଛାସେବୀ ରକ୍ତଦାତା ସଂଘ ପକ୍ଷରୁ ଜୁନ୍ ୪ରେ ବିଶାଳ ରକ୍ତଦାନ ଶିବିର

ଭୁବନେଶ୍ୱର,୨୬।୫(ପି.ଏନ): ଅଖିଳ ଭାରତୀୟ ସ୍ୱେଚ୍ଛାସେବୀ ରକ୍ତଦାତା ସଂଘ ଆଗାମୀ ଜୁନ ୪ ତାରିଖରେ ଜୟଦେବ ଭବନଠାରେ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରିବାକୁ ଯାଉଛି। ରକ୍ତ ଏକ ଅମୂଲ୍ୟ ସମ୍ପଦ ଯାହା ତିଆରି କରାଯାଇପାରିବ ନାହିଁ; ଏହା କେବଳ ଆପଣଙ୍କ ପରି ଉଦାର ଦାତାଙ୍କଠାରୁ ଆସିପାରିବ। ପ୍ରତି ଦୁଇ ସେକେଣ୍ଡରେ, ଭାରତରେ କାହାକୁ ନା କାହାକୁ ରକ୍ତର ଆବଶ୍ୟକତା ପଡ଼ିଥାଏ, ତାହା ଦୁର୍ଘଟଣା ପୀଡିତଙ୍କ ପାଇଁ, ଅସ୍ତ୍ରପଚାର କରାଯାଉଥିବା ରୋଗୀଙ୍କ ପାଇଁ, ଦୀର୍ଘକାଳୀନ ରୋଗ ସହିତ ଲଢୁଥିବା ବ୍ୟକ୍ତିମାନଙ୍କ ପାଇଁ କିମ୍ବା ପ୍ରସବ ସମୟରେ ଜଟିଳତା ଅନୁଭବ କରୁଥିବା ମା’ମାନଙ୍କ ପାଇଁ। ଆପଣଙ୍କର ଏକକ ଦୟାପୂର୍ଣ୍ଣ କାର୍ଯ୍ୟ ଏକ ଗଭୀର ପରିବର୍ତ୍ତନ ଆଣିପାରେ ଏବଂ ଅତ୍ୟନ୍ତ ଆବଶ୍ୟକ ଲୋକଙ୍କ ପାଇଁ ଜୀବନରେ ଏକ ନୂତନ ପଟ୍ଟା ପ୍ରଦାନ କରିପାରିବ।

ଏହି ଶିବିରକୁ ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଅଶୋକ ମହାପାତ୍ର, ପୂର୍ବତନ ନିର୍ଦ୍ଦେଶକ, ଏମ୍ସ ଏବଂ ଭାଇସ୍ ଚାନ୍‌ସେଲର, SOA ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଦ୍ୱାରା ଉଦ୍‌ଘାଟିତ ହେବ। ଏହି ରକ୍ତଦାନ ଶିବିରରେ ଯୋଗଦାନ କରିବାକୁ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ଅଧ୍ୟକ୍ଷ ଏବଂ ଶ୍ରୀଯୁକ୍ତ ପ୍ରମୋଦ କୁମାର ପରିଡା, ସଂଯୋଜକ, ଓଡ଼ିଶା ଅଖିଳ ଭାରତୀୟ ସ୍ୱେଚ୍ଛାସେବୀ ରକ୍ତଦାତା ସଂଘ ପକ୍ଷରୁ ଅନୁରୋଧ କରିଛନ୍ତି।

SPURS, ପ୍ରତିକାର (ଓଡ଼ିଆ ଦୈନିକ), ଦି କଲିଙ୍ଗ କ୍ରୋନିକଲ୍ (ଇଂରାଜୀ ଦୈନିକ), ସମରକ୍ରାନ୍ତି ସେନା, ପର୍ଯ୍ୟବେକ୍ଷକ (ଓଡ଼ିଆ ଦୈନିକ), ରାଷ୍ଟ୍ରୀୟ ପତ୍ରକାର ମହାସଂଘ, ଭାରତୀୟ କ୍ଷୁଦ୍ର ମଧ୍ୟମ ଖବରକାଗଜ ମହାସଂଘ, ରାଷ୍ଟ୍ରୀୟ ମିଡ଼ିଆ ମହାସଂଘ ଏବଂ ଅନେକ ଅନୁଷ୍ଠାନଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି।

ବିଜେପିର ବର୍ଷ ପୂର୍ତ୍ତି ଆୟୋଜନ: ବିଜେଡିର ପ୍ରଶ୍ନ, ମାଳମାଳ ପ୍ରତିଶ୍ରୁତି କେତେ ପୂରଣ ହୋଇଛି

ଭୁବନେଶ୍ୱର,୨୬।୫(ପି.ଏନ): ବର୍ଷ ପୂର୍ତ୍ତିକୁ ନେଇ ବଡ ଆୟୋଜନ କରୁଛି ବିଜେପି ସରକାର । ନିଜର ସଫଳତା ବଖାଣିବାକୁ ଆରମ୍ଭ କରିଛି ସଜବାଜ । କେନ୍ଦ୍ରୀୟ ନେତୃତ୍ୱଙ୍କୁ ଓଡିଶା ଆଣି ବର୍ଷର ସଫଳତା ଲୋକଙ୍କୁ ଜଣାଇବାକୁ ଦଳ ଅଣ୍ଟା ଭିଡିଛି । ବିଜେପିର ବର୍ଷ ପୂର୍ତ୍ତିକୁ ନେଇ ବିଜେଡି ଲୋକଙ୍କ ସ୍ୱର ସାଜି କେତେକ ମୌଳିକ ପ୍ରଶ୍ନ ପଚାରି ସରକାରଙ୍କୁ ଘେରିଛି । ଅନ୍ୟପଟେ କଂଗ୍ରେସ କହିଛି, ବର୍ଷେ ଭିତରେ ଓଡିଶାରେ କିଛି ହୋଇନି ବୋଲି ଅନୁଭବ କଲେଣି ରାଜ୍ୟବାସୀ । ଯାହାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ନିର୍ବାଚନୀ ପ୍ରତିଶ୍ରୁତି ଗୋଟେ ଦିଗରେ, ବିଜେପି ସରକାର ଅନ୍ୟ ଦିଗରେ । ବର୍ଷ ? ଭିତରେ ଶାସକ ଦଳର ମନ୍ତ୍ରୀ, ବିଧାୟକ, ସାଂସଦ ସଭା, ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୁଲାବୁଲିରେ ସମୟ ବିତାଇଲେ । ୨୦୨୪ରେ ଓଡିଶାବାସୀଙ୍କୁ ଦେଇଥିଲେ ମାଳମାଳ ପ୍ରତିଶ୍ରୁତି । କିନ୍ତୁ ପୂରଣ କରିବାକୁ ଭୂଲିଗଲେ । ଯାହା କିଛି ପ୍ରତିଶ୍ରୁତି ପାଳନ କଲେ ତାହା ପ୍ରତାରଣା ସଦୃଶ । ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା କଥା କହି ପାଞ୍ଚ ବର୍ଷରେ ଦେବାକୁ ଯୋଜନା କାର୍ଯ୍ୟକାରୀ କଲେ । ଯେଉଁଥିରେ ଦିନକୁ ମହିଳାଙ୍କୁ ମିଳିବ ମାତ୍ର ୨୭ ଟଙ୍କା । ଠିକ ସେହିପରି ସମସ୍ତଙ୍କୁ ଭତ୍ତା ୩୦୦୦ ଟଙ୍କା କହି କାର୍ଯ୍ୟକାରୀ କରିବା ବେଳେ କେବଳ ୮୦ ବର୍ଷରୁ ଅଧିକଙ୍କୁ ଏହି ସୁବିଧା ମିଳିଲା । କେନ୍ଦ୍ରାପଡାରେ ବୃଦ୍ଧ ବ୍ୟକ୍ତି ଭତ୍ତା ଆଣିବାକୁ ରାସ୍ତାରେ ଘୁଷୁଡି ଘୁଷୁଡି ଗଲେ । ଧାନର କଟନି ଛଟନି ହେବ ନାହିଁ କହି ୫ରୁ ୧୫ କିଲୋ ଯାଏଁ କଟନି ଛଟନି କଲେ । ଠପ୍ ହୋଇଗଲାଣି ବ୍ଲକରୁ ଆରମ୍ଭ କରି ରାଜ୍ୟର ବଡ ବଡ ବିକାଶମୂଳକ ପ୍ରକଳ୍ପର କାମ । ବର୍ଷ ପୂର୍ତ୍ତିରେ ବିଜେପି ସରକାରର ଏପରି ମାଳମାଳ ପ୍ରତିଶ୍ରୁତି କିପରି ପ୍ରତାରଣାରେ ପରିଣତ ହୋଇଛି ସେ କଥା ବଖାଣିଛନ୍ତି ବିଜେଡି ନେତା ପ୍ରଶାନ୍ତ ମୁଦୁଲି । ବିଜେପି ସରକାର ନିଜର ବର୍ଷ ପୂର୍ତ୍ତି ପାଳନକୁ ନେଇ ଚଳଚ୍ଚଞ୍ଚଳ ହୋଇଛି । କେନ୍ଦ୍ରୀୟ ନେତୃତ୍ୱଙ୍କୁ ଓଡିଶା ଆଣି ବଡ ସଭା ସମିତି ଜରିଆରେ ସଫଳତାର ତାଲିକା ଦେବାକୁ ଅଣ୍ଟା ଭିଡିଛି । ଲୋକଙ୍କ ସ୍ୱର ସାଜି ବିଜେପି ସରକାରର ବିଭିନ୍ନ ଦୋଷ ଦୁର୍ବଳତାକୁ ସାମ୍ନାକୁ ଆଣିବ ବୋଲି କହିଛନ୍ତି ବରିଷ୍ଠ ବିଧାୟକ ଅରୁଣ ସାହୁ । ବିଜେପି ଯଦି ନିଜର ସଫଳତା ବଖାଣେ, ତେବେ ଲୋକେ ତାଙ୍କ ବିଫଳତାକୁ ପଦାରେ ପକାଇବେ ବୋଲି ଯୁକ୍ତି ବାଢିଛନ୍ତି ଅରୁଣ । ବର୍ଷ ? ହେବ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ପାରୁନି । ତେଣୁ ତୁରନ୍ତ ସରକାର ଲୋକଙ୍କ ସମସ୍ୟା ଦୂର କରନ୍ତୁ ବୋଲି ଦାବି କରିଛି ବିଜେଡି । ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟଙ୍କ କହିବା କଥା, ବର୍ଷ ? ହେବ ଓଡିଶାରେ କିଛି ହେଉନାହିଁ । ଅନ୍ୟପଟେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବର୍ଷ ପୂର୍ତ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି । ୨୦୩୬ରେ ବିକଶିତ ଭାରତ ଓ ବିକଶିତ ଓଡିଶା ଗଠନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ । ରାଜ୍ୟ ସରକାର ବର୍ଷ ପୂର୍ତ୍ତୀ ପାଇଁ ସଫଳତାର ତାଲିକା ପ୍ରସ୍ତୁତ କରିଥିବା ବେଳେ ବିଜେଡି ତିଆରି କରିଛି ପ୍ରତାରଣାର ଲମ୍ବା ତାଲିକା ।

ଶିକ୍ଷା କ୍ଷେତ୍ରରେ ବିଜେପି ସରକାରଙ୍କ ବିଫଳତା, ଗତବର୍ଷ ତୁଳନାରେ ଚଳିତବର୍ଷ ଡ୍ରପଆଉଟ ଅଧିକ

ଭୁବନେଶ୍ୱର,୨୬।୫(ପି.ଏନ): ଡ୍ରପ ଆଉଟର କାରଣ ଖୋଜା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯେତେ ବି କହିଲେ, ଏହା କମିବା ପରିବର୍ତ୍ତ ? ବଢିବାରେ ଲାଗିଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ ଯୁକ୍ତଦୁଇ ପରୀକ୍ଷାରେ ଡ୍ରପ ଆଉଟ ସଂଖ୍ୟା ବଢିଛି । ଏପରିକି ହଜାର ହଜାର ସଂଖ୍ୟାରେ ଦଶମ ଶ୍ରେଣୀ ପିଲା ବି ପରୀକ୍ଷା ଦେଇନାହାନ୍ତି । ଏହା ବିରୋଧରେ ସରକାରଙ୍କ କାରଣ ଖୋଜା ନୀତିକୁ ନେଇ ପ୍ରଶ୍ନ ଉଠାଇଛି ଶିକ୍ଷକ ସଂଘ ଓ ଅଭିଭାବକ । ସେପଟେ ଛାତ୍ରଛାତ୍ରୀମାନେ ଏଥିପାଇଁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରିଛନ୍ତି । ନିର୍ବାଚନ ପୂର୍ବରୁ ଡ୍ରପ ଆଉଟ ବିରୋଧରେ ସ୍ୱର ଉଠାଉଥିବା ବିଜେପି ଆଜି ନିଜ ଚକ୍ରବ୍ୟୂହରେ ନିଜେ ଫସି ଯାଇଛି । ସର୍ଭ ? ଜରିଆରେ ଡ୍ରପ ଆଉଟର କାରଣ ଖୋଜା ଚାଲିଥିବା ନେଇ ସଫେଇ ଦେଇଛନ୍ତି ବିଦ୍ୟାଳୟ ଓ ଗ

ଚି ଚାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ପୁରାଣ କାହାଣୀ

ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

ଆଜିର ଭାଗ୍ୟ

ମେଷ

କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

କୃଷ

ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ

କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ

ବନ୍ଧୁତ୍ୱକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ

ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା

ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା

ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା

ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ

ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର

କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ

ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ

କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା

ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଦାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ

ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚଲିଗଲା ।

ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ

ପଞ୍ଚସାଗର ଶକ୍ତିପୀଠ, ବାରଣାସୀ

ପଞ୍ଚସାଗର ଶକ୍ତିପୀଠ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ରେ ଅବସ୍ଥିତ। ପଞ୍ଚସାଗର ମନ୍ଦିରରେ ମାତା ସତୀଙ୍କୁ ବରାହୀ ରୂପରେ ପୂଜା କରାଯାଏ। ହିନ୍ଦୁ ଧର୍ମରେ ବରାହୀ ମାତାଙ୍କୁ ତିନି ଶ୍ରେଣୀରେ ପୂଜା କରାଯାଏ, ଶକ୍ତିସ୍ମ(ଦେବୀଙ୍କୁ ପୂଜା କରାଯାଏ), ଶୈବୀସ୍ମ(ଭଗବାନ ଶିବଙ୍କୁ ପୂଜା କରାଯାଏ) ଓ ବୈଷ୍ଣବୀସ୍ମ(ଭଗବାନ ବିଷ୍ଣୁଙ୍କର ପୂଜା କାଯୋଏ। ପଞ୍ଚସାଗର ମନ୍ଦିରର ବାସ୍ତୁକଳା ଖୁବ୍ ସୁନ୍ଦର ଓ ମନୋରମ। ମନ୍ଦିରରେ ଉପଯୋଗ ହୋଇଥିବା ପଥର ଗୁଡ଼ିକ ବାସ୍ତବରେ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର। ଏହି ପଥର ଗୁଡ଼ିକ ସୂର୍ଯ୍ୟ କିରଣରେ ଚମକ ସୃଷ୍ଟି କରେ। ଏହି ମନ୍ଦିରର ମୁଖ୍ୟ ବିଶେଷତା ହେଲା ଯେ, ଏହି ମନ୍ଦିର କେବଳ ସକାଳ ବେଳା ମାତ୍ର ଦୁଇଘଣ୍ଟା ପାଇଁ ଖୋଲାରୁହେ। ବାକି ପୂରାଦିନ ବନ୍ଦ ରୁହେ। କୁହାଯାଏ ଯେ, ରାତିରେ ମାତା ବରାହୀ ବାରଣାସୀକୁ ସୁରକ୍ଷା ଦିଅନ୍ତି। ପୌରାଣିକ କଥା ଅନୁସାରେ ଦେବୀ ବରାହୀ ଶବ୍ଦକୁ ଶକ୍ତି ରୂପରେ ପୂଜା କରାଯାଏ। ସେହିପରି ବରାହୀ ଶବ୍ଦ ଭଗବାନ ବିଷ୍ଣୁଙ୍କ ବରାହ ଅବତାରରୁ ସୃଷ୍ଟି ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ "ବରାହୀ" ରୂପରେ ପୂଜା କରାଯାଏ ଓ ଭଗବାନ ଶିବଙ୍କୁ "ମହାରୁଦ୍ର" ରୂପରେ ପୂଜା କରାଯାଏ। "ମହାରୁଦ୍ର"ର ଅର୍ଥ ପ୍ରଚଣ୍ଡ ରାଗିବାର ଅବତାର। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ।

ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଚ୍ଛିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ର ହ୍ମ । ।

ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ବାରଣାସୀରେ ମାତା "ବରାହୀ" ଦେବୀଙ୍କ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର "ବରାହୀ"ଦେବୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ତଳଦାନ୍ତ ଖଣ୍ଡ' ପଡ଼ିଥିଲା। ପଞ୍ଚସାଗର ଶକ୍ତିପୀଠରେ ସବୁ ପର୍ବପର୍ବାଣୀ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ଶିବରାତ୍ରୀ, ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ସମୟରେ ମାତାଙ୍କର ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥାଏ। ପର୍ବ ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସଜାଯାଏ। ବର୍ଷର ସବୁ ସମୟରେ ମାତା "ବରାହୀ"ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।



ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେଉ !

ରାଜ୍ୟପାଳ ପଦବୀକୁ ନେଇ ଆମ ଦେଶରେ ବିବାଦ କିଛି ନୂଆ କଥା ନୁହେଁ। ଦେଶ ସ୍ୱାଧୀନ ହେବା ପରଠାରୁ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଲାଗି ରହିଛି। ଯେଉଁଠି ବିରୋଧିଦଳର ସରକାର ରହିଛି, ସେହି ରାଜ୍ୟରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥାଏ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏବେ କେରଳରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଚରମ ସୀମାରେ ପହଁଚିଥିବାବେଳେ ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡିଛି। କେରଳର ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ରାଜ୍ୟପାଳ ଅରିଫ ମହମ୍ମଦ ଖାଁନ ବରଖାସ୍ତ କରିବା ପରେ ରାଜ୍ୟପାଳ- ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। କହିବା ବାହୁଲ୍ୟ ଯେ, ରାଜ୍ୟପାଳ ହେଉଛନ୍ତି ବିଶ୍ୱବିଦ୍ୟାଳୟଗୁଡିକର କୁଳାଧିପତି। ସେ ବିଶ୍ୱବିଦ୍ୟାଳୟଗୁଡିକର କୁଳପତିଙ୍କୁ ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ ନିଯୁକ୍ତି ଦେଇଥାନ୍ତି। ସେହିପରି ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ କୁଳପତିମାନଙ୍କୁ ବହିଷ୍କାର କିମ୍ବା କାର୍ଯ୍ୟରୁ ଅନ୍ତର କରିଥାନ୍ତି। କେରଳରେ ଏବେ ବାମପନ୍ଥୀ ସରକାର କ୍ଷମତାସୀନ ଥିବାବେଳେ ଶ୍ରୀ ଖାନ ହେଉଛନ୍ତି କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳ। କେବଳ କୁଳାଧିପତିଙ୍କୁ ବରଖାସ୍ତ ନୁହେଁ, ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କ ସହ ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। ତେବେ ସର୍ବଶେଷ ବିବାଦ ହେଉଛି କୁଳାଧିପତିଙ୍କୁ ନେଇ। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡିକରେ ନୂତନ କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସମସ୍ତ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମୁଖ୍ୟମନ୍ତ୍ରୀ କେ. ବିଜୟନଙ୍କ ସରକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଚୂଡାନ୍ତ ଶୁଣାଣୀ ନହେବା ପର୍ଯ୍ୟନ୍ତ କୁଳପତିମାନେ ନିଜ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟପାଳଙ୍କ କୁଳାଧିପତି ଭାବେ କୁଳପତି ନିଯୁକ୍ତି କ୍ଷମତା ରଦ୍ଦ ପାଇଁ ଏକ ବିଲ୍ ବିଧାନସଭାରେ ଗୃହିତ ହୋଇଥିବାବେଳେ ଏବେ ତାହା ରାଜ୍ୟପାଳଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ସୂଚିତ କରାଯାଇପାରେ ଯେ, ଅତୀତରେ ପଶ୍ଚିମବଙ୍ଗ ଓ ତାମିଲନାଡୁ ରାଜ୍ୟ ସରକାର ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ରାଜ୍ୟପାଳଙ୍କ କୁଳପତି ନିଯୁକ୍ତି ନେଇ ରହିଥିବା ସ୍ୱତନ୍ତ୍ର କ୍ଷମତାକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ସତ୍ୟ ଯେ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକର ଏବଂ ତାମିଲନାଡୁର ରାଜ୍ୟପାଳ ଆର.ଏନ. ରବିଙ୍କ ସହ ରାଜ୍ୟ ସରକାରଙ୍କ ବିବାଦ କାହାରିକୁ ବୋଧହୁଏ ଅଛପା ନଥିବ। ପରିସ୍ଥିତି ଏପରି ହୋଇଥିଲା ଯେ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ, କଥା କଟାକଟି, ପ୍ରତିଦିନ ଗଣମାଧ୍ୟମର ପ୍ରମୁଖ ଖବର ପାଲଟିଥିଲା। ଆହୁରି ମଧ୍ୟ ଅତୀତରେ ମହାରାଷ୍ଟ୍ର ଓ ପୁଡୁଚେରୀ ରାଜ୍ୟପାଳଙ୍କୁ ନେଇ ବିବାଦ ଚରମସୀମାରେ ପହଁଚିଥିଲା। ଶେଷରେ କେନ୍ଦ୍ର ସରକାର ପୁଡୁଚେରୀର ତତ୍କାଳୀନ ଉପ-ରାଜ୍ୟପାଳ କିରଣ ବେଦୀଙ୍କୁ ଅପସାରଣ କରିବାକୁ ବାଧ୍ୟ ହୋଇଥିଲେ। ଏବେ ଦିଲ୍ଲୀର ନିର୍ବାଚିତ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଉପ-ରାଜ୍ୟପାଳ ମଧ୍ୟରେ କ୍ଷମତାକୁ ନେଇ ବିବାଦ ଅଦାଲତରେ ପହଁଚିଛି। ଏହା ସତ୍ୟ ଯେ, 'ରାଜ୍ୟପାଳ' ହେଉଛନ୍ତି ଏକ ସାମ୍ବିଧାନିକ ପଦବୀ। ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶକ୍ରମେ ରାଜ୍ୟପାଳ କାର୍ଯ୍ୟ କରନ୍ତି। ମାତ୍ର କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରଙ୍କୁ ଖୁସି କରିବାକୁ ଯାଇ ରାଜ୍ୟପାଳମାନେ କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ଏହି କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ରାଜ୍ୟପାଳ ପଦବୀ ଉଚ୍ଛେଦ ନେଇ ଦାବି ଜୋର ଧରିଥିଲା। ଏବେ କ୍ଷମତାରେ ଥିବା ବିଜେପି ବିରୋଧିଦଳରେ ଥିବାବେଳେ ତତ୍କାଳୀନ ବିରୋଧିଦଳ ନେତା ଲାଲକୃଷ୍ଣ ଆଡଭାନୀ ରାଜ୍ୟପାଳ ପଦବୀ ଉଚ୍ଛେଦ ପାଇଁ ଦୃଢ ଦାବି କରିଥିଲେ। ଆହୁରି ମଧ୍ୟ ଏହା ନିଶ୍ଚିତ ଯେ, ରାଜ୍ୟପାଳ ପଦବୀ ଏବେ କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରର ଏକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଯେଉଁଥିପାଇଁକି ଦିନକୁ ଦିନ ରାଜ୍ୟପାଳ ପଦବୀକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେବା ଜରୁରୀ। ରାଜ୍ୟର ତଥା ଜନସାଧାରଣଙ୍କର ହିତ, କଲ୍ୟାଣ ପାଇଁ ରାଜ୍ୟପାଳ-ରାଜ୍ୟ ସରକାର ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ। ଯାହା ଦ୍ୱାରା ସମ୍ବିଧାନର ନିର୍ଦ୍ଦେଶ, ପବିତ୍ରତା ଅକ୍ଷୁର୍ଣ୍ଣ ରହିବ। ରାଜ୍ୟ ସରକାର-ରାଜ୍ୟପାଳ ମଧ୍ୟରେ ହେଉଥିବା ବିବାଦ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ଏବଂ ଶୁଭଙ୍କର ନୁହେଁ, ଏହା ମନେରଖିବାକୁ ହେବ। ଅନ୍ୟଥା ରାଜ୍ୟପାଳ-ରାଜ୍ୟ ସରକାରଙ୍କ ବିବାଦରେ ନିରୀହ ଜନସାଧାରଣ ବଳି ପଡିବା ସାର ହେବ।

ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିର କବ୍ ମାଷ୍ଟର ଏବଂ ରୋଭର ସ୍କାଉଟ ଲିଡର (ଉଚ୍ଚବିଦ୍ୟାଳୟ ଶିକ୍ଷକ)ମାନଙ୍କ ପାଇଁ ଏକାଦିକ୍ରମେ ଦୁଇଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା ୨୭.୧୦.୨୦୨୨ ରିଖଠାରୁ ଆରମ୍ଭ ହୋଇଅଛି। ଉକ୍ତ ଶିବିରରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଜଗତସିଂହପୁର, କନ୍ଧମାଳ, କେନ୍ଦ୍ରାପଡା, କେଉଁଝର, କଳାହାଣ୍ଡି, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡା, ନୟାଗଡ, ପୁରୀ, ରାୟଗଡା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ୫୮ ଜଣ କବ୍ ମାଷ୍ଟର ଏବଂ ୩୬ ଜଣ ରୋଭର ସ୍କାଉଟ ଲିଡର ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି। ତା ୨୭।୧୦।୨୨ ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ ଏବଂ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସ ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ମାନଙ୍କୁ ବିଦ୍ୟାଳୟରେ କବ୍ ଓ ରୋଭର ମାଧ୍ୟମରେ ଛାତ୍ରମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟକମିଶନର ଡଃ. କାଳିପ୍ରସାଦ ମିଶ୍ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ସମସ୍ତ ଶିବିରାର୍ଥୀମାନଙ୍କୁ ସମାଜ ଲାଗି କିଛି ଭଲ କରିବାର ସୁଯୋଗକୁ ଯେପରି ହାତଛଡା ନକରିବେ ସେଥିପାଇଁ ନିଜ ବକ୍ତବ୍ୟରେ କହିଥିଲେ । ସମସ୍ତ କବ୍ ମାଷ୍ଟର ଓ ରୋଭର ସ୍କାଉଟ ଲିଡରମାନଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସଂଗଠନକୁ ଆହୁରି ମଜବୁତ୍ କରୁଥିବାରୁ ସମସ୍ତ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଏଆଇଟିୟୁସିର ପ୍ରତିଷ୍ଠା ଦିବସ ଓ ଜିଲ୍ଲା ସମ୍ମିଳନୀ ସମ୍ପନ୍ନ

ଭୁବନେଶ୍ୱର (ପିଏନ୍): ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା କମିଟିର ନବମ ସମ୍ମିଳନୀ ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟାଳୟର ରକ୍ତ ପତାକା ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉତ୍ତୋଳନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ସୁର ଜେନା ସମ୍ପାଦକୀୟ ରିପୋର୍ଟ ଉପସ୍ଥାପିତ କରିଥିଲେ। ଏହି ସଭାରେ ବକ୍ତବ୍ୟ ରଖି ଉପସାଧାରଣ ସମ୍ପାଦକ ବିଜୟ ଜେନା କହିଥିଲେ ଯେ, ସ୍ୱାଧୀନତା ଅଗ୍ନିଗର୍ଭରୁ ଜନ୍ମ ହୋଇଥିବା ସଂଗଠନ ଗଠନଠାରୁ ଏପର୍ଯ୍ୟନ୍ତ ଦେଶର ମେହେନତୀ ମଣିଷର ସର୍ବନିମ୍ନ ଦାବି ନେଇ ସଂଗ୍ରାମ ଜାରିରଖିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ବ୍ୟାପକ ସଂଗ୍ରାମ ନିମନ୍ତେ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ କର୍ମଚାରୀ ନେତା ସଂଜୀବ ପତି, ଆଶାକର୍ମୀ ନେତ୍ରୀ ନମିତା ସାହୁ, ବସନ୍ତ ସେଠୀ, ଗଦାଧର ସାହୁ, ପଞ୍ଚାନନ ସାହୁ, ଶ୍ରୀକୃଷ୍ଣ ପଟ୍ଟନାୟକ ଏବଂ ସିପିଆଇ ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ୩ ବର୍ଷ ନିମନ୍ତେ ଉପଦେଷ୍ଟା ଭାବେ ସଂଜୀବ ପତି, ସଭାପତି ଭାବେ ସୁର ଜେନା, ଉପସଭାପତି ଭାବେ ଆକୁଳି ନାଥ, ନମିତା ସାହୁ, ସମ୍ପାଦକ ଭାବେ ଶ୍ରୀକୃଷ୍ଣ ପଟ୍ଟନାୟକ, ସହ-ସମ୍ପାଦକ ବସନ୍ତ ସେଠୀ, ଶିବ ବେହେରା, କୋଷାଧକ୍ଷ ଭାବେ ରାଧାକାନ୍ତ ଶତପଥୀଙ୍କ ସମେତ ୨୦ ଜଣିଆ କମିଟି ଗଠନ କରାଯି

ଭୁବନେଶ୍ୱର, ୨୦୨୫, ମଇ ୨୭

ଗୁରୁ ଓ ସଦ୍‌ଗୁରୁ

ଦେବଦଣ୍ଡ ବିଶ୍ୱାଳ

ଭଗବତ ତତ୍ତ୍ୱ ଜାଣି ନଥିବା ବ୍ୟକ୍ତିକୁ ଭଗବାନ ସହଜରେ ପ୍ରତୀୟମାନ ହୋଇ ନଥାନ୍ତି। ଆପଣା ସୃଷ୍ଟିର ଏହି ଅଜ୍ଞତା ଦୂର କରିବା ପାଇଁ ଭଗବାନ ଗୁରୁ ରୂପରେ ଆବିର୍ଭୂତ ହୁଅନ୍ତି। ସୃଷ୍ଟିକର୍ତ୍ତା ଈଶ୍ୱର ବ୍ରହ୍ମା ରୂପରେ ସୃଷ୍ଟି କରନ୍ତି, ବିଷ୍ଣୁ ରୂପରେ ପାଳନ କରନ୍ତି ଏବଂ ରୁଦ୍ର ରୂପରେ ସଂହାର କରନ୍ତି। ଏହି ତିନି ରୂପର ସମ୍ମିଳିତ ଶକ୍ତି ହିଁ ଗୁରୁ। ଅଜ୍ଞାନ ନେତ୍ରରେ ଜ୍ଞାନର ଅଂଜନ ଦେଇ ସେ ଜଣାଇ ଦିଅନ୍ତି ଜୀବନର ସାର୍ଥକତା କ'ଣ ?

ପ୍ରସିଦ୍ଧ 'ସ୍କନ୍ଦ ପୁରାଣ' ଅନୁଯାୟୀ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବୋ ମହେଶ୍ୱର ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ' । ଅର୍ଥାତ୍ ଗୁରୁ ହେଲେ ସ୍ୱୟଂ ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କ ଅବତାର । ପୁଣି ସେ ହେଉଛନ୍ତି ଚରମ ସତ୍ତା ପରମ ବ୍ରହ୍ମଙ୍କ ପରିପ୍ରକାଶ । ଗୁରୁ ନିଜର ଶିଷ୍ୟ ବା ଅନୁଗାମୀମାନଙ୍କୁ ଭଗବତ୍ ସତ୍ତାର ନିକଟବର୍ତ୍ତୀ କରାଇଥାନ୍ତି । ଗୁରୁ ଅଜ୍ଞାନତା ରୂପୀ ଅନ୍ଧକାର ମଧ୍ୟରୁ ଆତ୍ମମାନଙ୍କୁ ଉଦ୍ଧାର କରିଥାନ୍ତି । ରାମକୃଷ୍ଣ ପରମହଂସ କହୁଥିଲେ, ପ୍ରକୃତ ଗୁରୁ ପୂର୍ଣ୍ଣ ପ୍ରସ୍ଫୁଟିତ ସୁଗନ୍ଧିତ ପୁଷ୍ପ ପରି ଯାହା ନିକଟକୁ ଆପେ ଆପେ ଆକର୍ଷିତ ହୋଇଥାନ୍ତି ମଧୁମକ୍ଷିକା ଦଳ । ପୁଣି ସେ ହେଉଛନ୍ତି ମିଷ୍ଟାନ୍ନ ପରି ଯେଉଁ ଆଡ଼କୁ ଆକୃଷ୍ଟ ହୋଇଥାନ୍ତି ପିପୀଲକ ପିପୀଲିକା । ଗୁରୁଙ୍କ ମହକ ବା ଜ୍ଞାନ ଦ୍ୱାରା ସମସ୍ତେ ଆକର୍ଷିତ ହୁଅନ୍ତି । ଯିଏ ଉପାର୍ଜନ ନିମନ୍ତେ ଶିଷ୍ୟ ଖୋଜିବୁଲେ ବା ଲୋଭ ଦେଖାଇ ଅନ୍ୟକୁ ଦୀକ୍ଷିତ କରାଏ ସେ ଗୁରୁ ନୁହେଁ । ପୁଣି ଗୁରୁ ଯେ ଜଣେ ମଣିଷ ହେବ ତାହା ମନେ କରିବା ସୁଦ୍ଧା ଭ୍ରମାତ୍ମକ । ଦତ୍ତାତ୍ରେୟ ମାଟି, ପାଣି, ପବନ ଆଦିଙ୍କୁ ଗୁରୁ ଭାବେ ଗ୍ରହଣ କରିଥିଲେ । ଅର୍ଥାତ୍ ଯେଉଁ ଠାରୁ ଶିକ୍ଷା ମିଳେ ତାହା ମଧ୍ୟ ଗୁରୁ । ପୁସ୍ତକରୁ ବି ଗୁରୁ କୁହାଯାଇପାରେ । ସମସ୍ତ ମହତ୍ ବାଣୀ ଉପନିଷଦ, ଗୀତା, ରାମାୟଣ, ମହାଭାରତ ମଧ୍ୟରେ ଗଚ୍ଛିତ । ବିଶିଷ୍ଟ ଗୁରୁମାନେ ଏସବୁକୁ ବୋଧଗମ୍ୟ ଭାଷାରେ ଅନୁବାଦ କରିଛନ୍ତି । ଏସବୁ ପଢ଼ି ମଧ୍ୟ ଗୁରୁବାଣୀ ଅନୁଭବ କରାଯାଇପାରେ ।

ଗୁରୁ, ଶାସ୍ତ୍ର ମାର୍ଗ ଦେଖାଇ ସଂକାମୋଚନ କରିଦିଅନ୍ତି ଏବଂ ଜୀବନର ପରମଗତି ପାଇଁ ପଦପ୍ରଦର୍ଶନ କରିଥାଆନ୍ତି । ସାଧନା ଓ ଅନୁଭୂତିର ଆଲୋକବର୍ତ୍ତିକା ଧରି ଶିଷ୍ୟକୁ ଚାଲିବାକୁ ହେବ । ତେବେ ଯାଇ ଗୁରୁ ଗ୍ରହଣ କରିବାର ସୁଫଳ ଆପେ ଆପେ ହାତ ପାହାନ୍ତାରେ ପହଞ୍ଚି ପାରିବ ।

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,
ଦୂରଭାଷ : ୯୮୬୧୯୪୫୯୪

ଏକରୁ ସମସ୍ତ ପ୍ରାପ୍ତି

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନେକ ଆବଶ୍ୟକ ନୁହେଁ ଏକରୁ ସବୁ ହାସଲ ଚିନ୍ତାରେ ପୁରୁଷ ପାଇଁ ଏକ ପତ୍ନୀ ବ୍ରତ ନାରୀ ପାଇଁ ଏକ ସ୍ୱାମୀ ବ୍ରତ । ଏକକ ସ୍ୱାମୀ ବା ସ୍ତ୍ରୀ ସୃଷ୍ଟିରେ ଅନେକ ବ୍ୟକ୍ତି ଯହିଁ ଥାଇ ଅବଶ୍ୟ ଉପୁଜଇ କଳି । ଦ୍ୱିମତ ଦୁଇଜଣ ମଧ୍ୟରେ ସୀମିତ ରହିଲେ ବାଧ ହୋଇ ବ୍ୟକ୍ତି ସାବଧାନ କରିବାକୁ ପୁଣି ମନକୁ ମନ ଚେଷ୍ଟା କରନ୍ତି । ସତ୍ୟବାନ ଏକ ଶବ୍ଦ ଏହା ବ୍ୟକ୍ତିଟିଏ ହୋଇବି ପାରେ ମାତ୍ର ପ୍ରକୃତରେ ଏକ ଲୋକ ବ୍ୟବହୃତ ପଦବୀ ବା ସଂଜ୍ଞା । ଯେଉଁ ବ୍ୟକ୍ତି ଏକ ପତ୍ନୀ ହାସଲ ବେଳେ ପୁରୋହିତଙ୍କର ମନ୍ତ୍ର ଉଚ୍ଚାରଣ ଭିତରେ ଅଗ୍ନୀଙ୍କୁ ସାତଥର ପରିକ୍ରମା ସ୍ୱ ସହିତ ନବପରିଣତା ପତ୍ନୀଙ୍କୁ ସାଥିରେ ନେଇ କରିଥାନ୍ତି । ସର୍ବ ସମକ୍ଷରେ ଏତଦ ସତ୍ୟମ ସମ୍ବୋଧନ ପତ୍ନୀ ରୂପେ ସ୍ୱୀକାର କରିବାରେ ସ୍ୱ ପିତାମାତା ବନ୍ଧୁଙ୍କ ମଧ୍ୟରୁ କେହି ପ୍ରତିନିଧି ହୋଇ ନିର୍ବନ୍ଧ ଥାଲିରେ ମହାପ୍ରସାଦ ପୁଟୁଳି ରଖି ଉଚ୍ଚାରଣ ତିନିଥର କରିଥାନ୍ତି । ଏସବୁ ସତ୍ୟ ରକ୍ଷା ଅଗ୍ନୀ ସାକ୍ଷୀ ବିପ୍ର ସାକ୍ଷୀ ପ୍ରାତିବନ୍ଧବ ମଧ୍ୟରେ ନିଜର କୁଟୁମ୍ବଜନ ସାକ୍ଷୀ ସୂର୍ଯ୍ୟ ଚନ୍ଦ୍ର ସାକ୍ଷୀ ରହିଥାନ୍ତି ଏହି ସତ୍ୟକୁ ସେହି ପାଣିଗ୍ରହଣ କରାଯିବା କନ୍ୟାକୁ ଜୀବନ ସାରା କେବେ କରଛଡ଼ା ନଦେବା ତାଙ୍କ ବ୍ୟତିରେକେ ଅନ୍ୟପ୍ରତି ଆକୃଷ୍ଟ ନହେବା ହିଁ ସତ୍ୟବାନ ଶବ୍ଦର ସାର୍ଥକକାରୀ । ସବୁ ଯୁବକ ବିବାହିତ ଦିନରୁ ସତ୍ୟବାନ ହେବାପାଇଁ ଏକ ସଂକଳ୍ପ ବ୍ରତ ।

ଦୁର୍ଗୁଣ ଦୁର୍ଯୋଗ ଦୁର୍ବାକ୍ୟ ଏମିତି ନାରୀ କେତେ ଦୁଃ ଲାଗି ପ୍ରୟୋଗ କରାଯାଇପାରେ । ଏହା ଏକ ନାରୀ ପ୍ରତି ପ୍ରୟୋଗ କରାଯାଉଛି । ନାରୀ ଅର୍ଥ ଯାହାର ଅରି ନାହାଁନ୍ତି ଅର୍ଥାତ ଶତ୍ରୁ ନାହାଁନ୍ତି । ପ୍ରକୃତରେ ସମସ୍ତ ଦେହରେ ମନରେ ସର୍ବଦା ଶତ୍ରୁ ଅଛନ୍ତି, ଛପି ରହିଛନ୍ତି । ଟିକେ ସ୍ୱାର୍ଥରେ ବାଧା ଆସିଲେ ଏମାନେ ଜାଗରୁକ ହୋଇ ପଡ଼ନ୍ତି । ରକ୍ତ ମାଂସର ଦେହ ପାଖରେ ଅସହ୍ୟ ସ୍ଥିତି ଆସିଗଲେ ବିଦ୍ରୋହ ଉଚ୍ଚସ୍ୱର, କର୍କଟ ସ୍ୱର ପାଟିରୁ ବାହାରେ । ଏସବୁ ଉପସର୍ଗ ପ୍ରକୃତରେ ମୂଳ ଭାବ ହିଁ ଅସହ୍ୟ । ଅସହ୍ୟ ଭାବ ନ ଆସିବା ପାଇଁ ସଂକଳ୍ପର ମଞ୍ଜି ବୁଣାଯିବା ଅଗ୍ନୀ ସମ୍ମୁଖରେ କରାଯାଇଥାଏ । ଆକର୍ଷଣ ବିକର୍ଷଣ ଏକ ମୁଦ୍ରାରେ ଦୁଇ ପଟ ପରି ରହିଛି । ମୁଦ୍ରା ନହେଲେ ଦ୍ରବ୍ୟ କ୍ରୟାଦି ହୋଇ ବି ହୋଇନପାରେ ଅତଏବ ପ୍ରତ୍ୟେକ ମୁଦ୍ରାକୁ ପେଟରା ବାକସ ମୁଣି ମନିବେଗରେ ପୁରାଇ ରଖିବା ପରି ଦୁଇକୁ ରଖିବାକୁ ପଡ଼େ । ମୁଦ୍ରା ବିନିମୟରେ ନାନାଦି ଦ୍ରବ୍ୟ ଆହରଣ ପରି ମୁଦ୍ରା ତାହା ବି କରେ । ବିକର୍ଷଣ ଶତ୍ରୁ ପାଇଁ ଆକର୍ଷଣ ନିଜର ପ୍ରିୟଜନ ପାଇଁ ଉଦ୍ଦିଷ୍ଟ । ଏ ମୁଦ୍ରାକୁ ସେପରି ରଖିବା ବ୍ୟକ୍ତି ଜଣେ ଭଲ ସଞ୍ଚୟକାରୀ ମୁଦ୍ରା ମହଜୁଦକାରୀ ହୋଇପାରେ । ଆଜି ବର୍ତ୍ତମାନ ଏହି ମୁହୂର୍ତ୍ତ ଆକର୍ଷଣ କ୍ରିୟ ପ୍ରୟୋଗ ଦୁନିଆଁରେ ପ୍ରେମରେ ରାଜକରେ । ମାତ୍ର ବିକର୍ଷଣ କ୍ରିୟାରେ ଯାଉଥିବା ଲୋକ ଅନ୍ଧପରି ସମୟ କାଟିବାକୁ ବାଧ୍ୟ ହୁଏ । ଅନ୍ୟକୁ କଷ୍ଟ ଦେବ କଣ ନିଜେ କଷ୍ଟ ଜାଲରେ ଛନ୍ଦି ହୁଏ । ନାରୀଟିଏ ରାଣୀରୁ ଦାସୀ ସ୍ତରକୁ ପରେ ଆସିପାରେ । ପ୍ରେମ ନିବିଡ଼ ପାଇଁ ବିବାହ ସଂସାର ବନ୍ଧା, ପ୍ରେମ ଫାଶରୁ ମୁକୁଳିଗଲେ ଗଲା ସୁଖଗଲା, ସଂସାର ଗଲା ।

ହିନ୍ଦୁ ଧାର୍ମିକ ପରମ୍ପରାରେ ତ୍ରିବେଣୀ ଅମାବାସ୍ୟା

ଅଲେଖ ଚନ୍ଦ୍ର ସାମଲ

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ। ସେଥିଲାଗି ଚଳଚଞ୍ଚଳ ହୋଇଉଠେ ବିରଜାକ୍ଷେତ୍ର। ଏହା ମା'ଙ୍କର ମୁଖ୍ୟପର୍ବ ହୋଇଥିବାରୁ ପୀଠକୁ ସୁସଜ୍ଜିତ ଆଲୋକମାଳରେ ସଜାଯାଇ ଉତ୍ସବ ପାଳନ କରାଯାଏ। ଏହି ଦିନ ମା'ସାବିତ୍ରୀ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତାଙ୍କୁ ସୁନା ଅଳଙ୍କାର ଓ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରାଯାଇ ବ୍ରହ୍ମାଙ୍କ ସହିତ ଗାୟତ୍ରୀ ମନ୍ତ୍ର ଦ୍ୱାରା ପୂଜା କରାଯାଏ ଯାହାକି ବ୍ରହ୍ମତନ୍ତ୍ରରେ ଉଲ୍ଲେଖ ଅଛି। ଅନ୍ୟପକ୍ଷରେ ଏହି ଦିନଟି ମୁନି, ଋଷି ମାନଙ୍କର ଜନ୍ମଦିନ ଭାବେ ପାଳିତ ହେଉଥିବାରୁ ଏହି ଅମାବାସ୍ୟାକୁ ମଧ୍ୟ ମୌନ ଅମାବାସ୍ୟା କୁହାଯାଏ। ମକର ରାଶିରେ ସୂର୍ଯ୍ୟ ଓ ଚନ୍ଦ୍ର ଏହି ଦିନରେ ମିଳିତ ହୁଅନ୍ତି। ତେଣୁ ଏହି ଅମାବାସ୍ୟାର ମହତ୍ତ୍ୱ ବହୁତ ବଢ଼ିଯାଏ। ଏହି ଦିନରେ ପବିତ୍ର ନଦୀମାନଙ୍କରେ ସ୍ନାନ କଲେ ପୂର୍ଣ୍ଣଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ପାଟନା ପଣ୍ଡିତ ଦୟାନନ୍ଦ ଋଷିଙ୍କ ଅନୁସାରେ ତ୍ରିବେଣୀ ଅମାବାସ୍ୟା ମୁନି, ଋଷିମାନଙ୍କର ଅମାବାସ୍ୟା ଅଟେ। ଏହିଦିନରେ ମୌନବ୍ରତ ପାଳନ କରାଯାଏ। ମୁନି ଶବ୍ଦରୁ ମୌନର ଉତ୍ପତ୍ତି ହୋଇଛି। ସେଥିପାଇଁ ଏହି ବ୍ରତରେ ଯେଉଁ ଋଷି ମୌନବ୍ରତ ଧାରଣ କରି ପୂର୍ଣ୍ଣ ଭାବରେ ପାଳନ କରନ୍ତି ତାଙ୍କୁ ଭଲ ସମ୍ମାନ ଓ ପଦବୀ ମିଳେ। ଏହି ଦିନରେ ମୌନ ରହି ଗଙ୍ଗା ଓ ଯମୁନା ନଦୀରେ ସ୍ନାନ କରନ୍ତି। ଯଦି ଏହ ଅମାବାସ୍ୟା ସୋମବାର ଦିନ ପଡୁଥାଏ ଏହାର ମହତ୍ତ୍ୱ ଆହୁରି ବଢ଼ିଯାଏ। ପବିତ୍ର ମାଘମାସରେ ପଡୁଥିବା ଏହି ଅମାବାସ୍ୟାରେ ଗଙ୍ଗାସ୍ନାନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ମାଘମାସର ଅମାବାସ୍ୟା ଓ ପୂର୍ଣ୍ଣିମା ବହୁତ ପବିତ୍ରଦିନ। ଏହିଦିନ ପୃଥିବୀରେ ସୂର୍ଯ୍ୟ କି ଚନ୍ଦ୍ରକୁ କୌଣସି ନା କୌଣସି ସ୍ଥାନରେ ଗ୍ରହଣ ଲାଗିଥାଏ। ସେଥିପାଇଁ ଏହି ଦିନକୁ ଧର୍ମାତ୍ମାମାନେ ସ୍ନାନ ସାରି ଦାନ କର୍ମ କଲେ ପୁଣ୍ୟଫଳ ମିଳେ। ପୁରାଣ ଅନୁସାରେ ଏହି ଦିନ ପବିତ୍ର ନଦୀ ଗଙ୍ଗାରେ ଦେବତାମାନଙ୍କର ଉପସ୍ଥିତି ଥାଏ। ସେଥିପାଇଁ ଏହି ଦିନରେ ଗଙ୍ଗା ସ୍ନାନର ବହୁତ ମହତ୍ତ୍ୱ ଅଛି। ଭକ୍ତମାନେ ପୂର୍ବରୁ ଏକତ୍ରିତ ହୋଇ କୁଡ଼ିଆ କରି ରହିଥାନ୍ତି। ପବିତ୍ର ଅମାବାସ୍ୟାରେ ଗଙ୍ଗା-ଯମୁନା-ସରସ୍ୱତୀ ନଦୀର ସଙ୍ଗମ ସ୍ଥାନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ଶରୀର ଶୁଦ୍ଧି ହୋଇଥାଏ। ଏହି ଦିନ ମୌନ ରହିଲେ ମନର ଶୁଦ୍ଧି ଆଉ ଦାନ କଲେ ଧନ ବୃଦ୍ଧି ହୁଏ ଏବଂ ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟର ଶାରୀରିକ, ଭୌତିକ ଓ ଦୈବିକ ପାପ ନାଶ ହୋଇଯାଏ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ୱର୍ଗର ସବୁ ଦେବତାମାନେ ଗଙ୍ଗାରେ ବାସ କରିଥାନ୍ତି ଯାହା ଫଳରେ କି ଏଠାରେ ସ୍ନାନ କଲେ ସବୁ ପାପ ଦୂର କରିଦିଅନ୍ତି। ପୁରାଣ ଅନୁସାରେ ତ୍ରିବେଣୀ ଅମାବାସ୍ୟା ଦିନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇ ଜୀବନ ମୋକ୍ଷ ହୋଇଯାଏ ବୋଲି ବିଶ୍ୱାସ ଅଛି। ପ୍ରୟାଗ ତୀର୍ଥମାନଙ୍କର ରାଜା। ଏହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ସ୍ଥଳ। ତ୍ରିବେଣୀ, ବେଣୀମାଧବ, ସୋମନାଥ, ଭରଦ୍ୱାଜ ମୁନି ଆଶ୍ରମ, ବାସୁକୀନାଥ ଓ ଶେଷନାଥଙ୍କର ପବିତ୍ର ସ୍ଥାନ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ୟା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବ୍ରତ ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାନଳ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ।

ପୂର୍ବତନ ଡିଏଫ୍ଓ , ଫଲାଇ,
ବାଲିଚନ୍ଦ୍ରପୁର, ଯାଜପୁର

ସ୍ୱାଧୀନତାର ସପ୍ତମ ଦଶକରେ ଭାରତର ଅଗ୍ରଗତି

ବିଚିତ୍ରାନନ୍ଦ ପ୍ରଧାନ

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ ଶାସନରେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧୀନତାର ଆଦ୍ୟ ବାୟୁ ଆଘ୍ରାଣ କଲେ ସେହି ଦିନଟି ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୫ ତାରିଖ। ସେହି ଦିବସଟି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ। ଚାହୁଁ ଚାହୁଁ ବିତିଯାଇଛି ୭୫ ବର୍ଷ। ହାତମୁଠାରୁ ବାଲି ଝରିଲା ପରି ଗଡ଼ି ଯାଉଛି ସମୟ ତାର ନିର୍ଦ୍ଦିଷ୍ଟ ଗତିରେ। ପରାଧିନ ଭାରତ ଏବେ ଅତୀତର ବିଷୟବସ୍ତୁ। ଆଶା ଆକାଂକ୍ଷା ଓ ସ୍ୱପ୍ନର ପାଣ୍ଡୁଲିପି ଲେଖି ଚାଲିଛି ସ୍ୱାଧୀନ ଭାରତ। ୧୯୪୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ମହାତ୍ମା ଗାନ୍ଧି ଇଂରେଜ ସରକାର, 'ଭାରତ ଛାଡ଼' ବୋଲି ଡାକ ଦେଇ ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଅୟମାରମ୍ଭ କରିଥିଲେ। ବ୍ରିଟିଶ ସରକାରଙ୍କ ଶାସନରୁ ମୁକ୍ତି ପାଇବା ପାଇଁ ସେ ଦିନ ମଧ୍ୟ ରାତ୍ରି ୧୨ ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମାବେଶ ହୋଇ ବିନା ରକ୍ତପାତରେ ପରାଧିନତାର ନିଗଡ଼ ଛିନ୍ନ କରି ସ୍ୱାଧୀନତାର ପ୍ରଥମ ଆସ୍ୱାଦନ ପାଇବା ଉଦ୍ଦେଶ୍ୟରେ ଜାଗ୍ରତ ଥିଲେ। ତାହା ଥିଲା ଏକ ଅଭୁଲା ସ୍ମୃତି। ମହାନ ଜନନାୟକ ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହାରଲାଲ ନେହେରୁ ସମବେତ ଜନତାଙ୍କୁ ଉଦବୋଧନ ଦେଇ ସତ୍ୟ ଓ ଅହିଂସାର ବିଜୟ ହେବ ବୋଲି ଆଶ୍ୱାସନା ବାଣୀ ଶୁଣାଇଥିଲେ। ରାତ୍ରିର ବହଳ ଅନ୍ଧକାରରେ ଯେତେବେଳେ ସାରା ବିଶ୍ୱ ସୁପ୍ତ, ସେତେବେଳେ ମୁକ୍ତି ଉନ୍ମୋଦିତ ଭାରତ ଜାଗ୍ରତ ଓ ଜୀବନୋନ୍ମୁଖୀ। ସତରେ ଏମିତି ଏକ ମୁହୂର୍ତ୍ତ ଆସେ, ଯାହା ଇତିହାସରେ ବିରଳ। ରାତ୍ରି ପାହିଆସୁଥିଲା। ଅନ୍ଧାର ପରଦା ଆଡ଼େଇ ଉଙ୍କି ମାରୁଥିଲା ଆଶାର ସୂର୍ଯ୍ୟ। ସ୍ୱାଧୀନତାର ପ୍ରଥମ ସକାଳ ତୋଫା ଆଲୁଅ ଉଦଭାସିତ ହୋଇଥାଏ। ଆକାଶରରେ ବିଶ୍ୱାସର ଲୋହିତ ଛିଟା ଦୃଶ୍ୟମାନ ହୋଇଥାଏ। ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୫ ତାରିଖ ତୁଙ୍ଗ ଆକାଶରେ ଭାରତର ଅଗଣିତ ଜନତା ଭକ୍ତି ଓ ସମ୍ମାନର ସହିତ ଭାରତର ଜୈତ୍ର କେତନ ତ୍ରିରଙ୍ଗା ଜାତୀୟ ପତାକା ବାୟୁ ହିଲ୍ଲୋଳରେ ସଦର୍ପରେ ଉଡାଇଥିଲେ। ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଭୂଷିତ ହୋଇଥିଲା। ଏହି ସ୍ମରଣୀୟ ଦିବସକୁ ଜାତୀୟ ଦିବସ

ଜଙ୍ଗଲୀ ମାଙ୍କଡ ଏବେ ଖାଦ୍ୟ ଅନ୍ୱେଷଣରେ

ବଙ୍ଗୋମୁଣ୍ଡା, : ହନୁମାଙ୍କଡ଼ ଜଙ୍ଗଲି ଖାଦ୍ୟ ନ ପାଇ ଏବେ ମଣିଷ ଖାଦ୍ୟ ଖାଇବାକୁ ଭଲ ପାଇଲିଣି କାରଣ ନିକଟରେ ଥିବା ସଂରକ୍ଷଣ ଜଙ୍ଗଲ ଲୋକଙ୍କ ଲୋଲୋପଶି କାର ହୋଇ ବଡ଼ ବଡ଼ଗୋଲମ ଧ୍ୱଂସ ପାଇଯିବା ଫଳରେ ଏବିରଳ ପ୍ରଜାତିର ହନୁମାଙ୍କଡ଼ ଗାଁ ଓ ସହର ମୁହାଁଆ ବର୍ତ୍ତମାନ ସେମାନଙ୍କ ଜୀବନ ସୁରକ୍ଷା ପାଇଁ ଏବଂ ଖାଦ୍ୟ ଅନ୍ୱେଷଣରେ। ଏପରିକିଅନୁମାନ କରାଯାଉଛି ଯେ ମଣି ସହିତ ସେମାନଙ୍କୁ ମିଶି ଗଲେଣି, ମଣିଷ ହାତରେ ଖାଦ୍ୟ ଦେଲେ ଆନନ୍ଦରେ ଖାଉଛନ୍ତି।

ଖାଦ୍ୟ ନିରାପତା ଓ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ ୨୦ହଜାର ଟଙ୍କା ଚୋରିମନା ଓ ଘରୋଇ ୨୦ଟି ଗ୍ୟାସ୍ ସିଲିଣ୍ଡର ଜବତ

ତାଳଚେର : ତାଳଚେର ସହର ବାଣିଜ୍ୟ ପେଣ୍ଠସ୍ଥଳୀ କୁହାଯାଉଥିବା ହାଟତୋଟା ମାର୍କେଟରେ ଆଜି ଖାଦ୍ୟନିରାପତା, ଯୋଗାଣ ବିଭାଗ ଓ ପୋଲିସ ସହାୟତାରେ ବିଭିନ୍ନ ଦୋକାନ ଯଥା ହୋଟେଲ, ଢାବା, ଫାଷ୍ଟଫୁଡ଼ ଓ ଜଳଖିଆ ଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇଥିଲା । ଦୋନୀମାନେ ଅସ୍ୱାସ୍ଥ୍ୟକର ପରିବେଶ ସହିତ ବିଭିନ୍ନ ରାସାୟନିକ ରଙ୍ଗଦେଇ ଭେଜାଲ ସାମଗ୍ରୀରେ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହମାନଙ୍କ ମନକୁ ଆକୃଷ୍ଟ କରି ବ୍ୟବସାୟ କରିଥାନ୍ତି । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଆଜି ଖାଦ୍ୟନିରାପତା ବିଭାଗ ପକ୍ଷରୁ

ତାଳଚେର ଟାଉନ ଠାରୁ ଆରମ୍ଭକରି ପ୍ରାୟ ୩କିମି ବ୍ୟାପି ହାଟତୋଟା ପର୍ଯ୍ୟନ୍ତ ଦୋକାନ ଗୁଡ଼ିକ ଯାଂଚ କରିବା ସହ ସେମାନଙ୍କ ନିକଟରୁ ୨୦ହଜାର ଟଙ୍କା ଜୋରିମନା ଆଦାୟ କରିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି । ସେହିପରି ହାଟତୋଟା ସ୍ଥିତ ଏକ ମିଠା ଦୋକାନରୁ ୨୦ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିବା ସହ ହୋଟେଲ ଥିବା ବାସିଖାଦ୍ୟକୁ ନଷ୍ଟ କରି ଦିଆଯାଇଥିଲା ଜଣାପଡ଼ିଛି । ଏହି ଚଢ଼ାଉରେ ଖାଦ୍ୟ ନିରାପତା ଅଧିକାରୀ ସୁମିତ ପରିଡ଼ା ଓ ତାଳଚେର ଟାଉନ ପୋଲିସ୍ ଉପସ୍ଥିତ ଥିଲେ । ତେବେ ତାଳଚେରରେ ରହିଥିବା ବଡ଼ବଡ଼ ନାମୀଦାମୀ ହୋଟେଲ ଠାରୁ ଆରମ୍ଭ କରି ଏହି ଘରୋଇ ଗ୍ୟାସର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ।

ଓଡ଼ିଶା ରାଜ୍ୟ ପାନଚାଷୀ ସମନ୍ୱୟ ସମିତି ବୈଠକ

ଭୁବନେଶ୍ୱର : ଉଦ୍ୟାନକୃଷିଜାତୀୟ ଫସଲ ଅଟେ । ପାନ କାର ପାନଚାଷ କରି, ଗୁଜରାଣ ମେଣ ନିର୍ଭର କରି ନିଜର କାହନ ପିଲା କୃଷିଜାତୀୟ ୯ରେ ପାନଚାଷ ଦ୍ୱାରା ବହୁବାଷୀ 'ପାନଚାଷ' କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ପାନ ଏକ ଅର୍ଥକାରୀ ଉପରେ ନିର୍ଭରଶୀଳ ହୋଇଥାନ୍ତି । ଏହା ଏକର ଜଳଦାୟରେ ପାନଚାଷ ବ୍ୟାପକ ରୂପେ ରୋ ରାତୀୟ ଏବଂ ଆନ୍ତର୍ଜାତୀୟ ମୂଳରେ ବହୁ ଗୁଡିବା ଏବଂ ଖ୍ୟାତି ରହିଛି । କିନ୍ତୁ ଧଡ଼ିଶିଷ୍ଟଧୀୟ ଗଣିତଜାତୀୟ ଫସଲ ହୋଇଥିବାରୁ ଜାତୀୟରେ ଏବଂ ସବୁ ମାଙ୍ଗଳିକ କାର୍ଯ୍ୟ ରେ ପରିହାସିକ ଡ଼ଟାରି କାହିଁ କେଉଁ କାଳରୁ ବିବେଚନା ଅନୁସାରେ ପାନକୁ ଜଗତର ନାଥ ଜଗନ୍ନାଥଙ୍କ ପ୍ରଧାନ ନ ଦେବା, ପାନଚାଷୀଙ୍କ ମୁ ଗୁଜରାଣ ମେଣ୍ଟାର ନ ପାରି ଦାଦନ ଖଟିବା ପାର୍ଶ୍ୱ କଦାଣ ହୋଇ ପାରବାଷ ଉପରୁ ମୁହଁ ଫେରାଇ ବାକି ସରେ ରାଜ୍ୟ ସରକାର ସମସ ଗୁଡ଼ିଏ ଶଡ଼ିଏ । ଫଳରେ ଧୀରେ ଧୀରେ ବାଖ୍ୟା କରାଯାଇଆସୁଅଛି । ପାନ ପ୍ରତି ସୁରକାର ଗଢିବା ଆରମ୍ଭ କଲେଣି । ବହୁ ଚାଷୀ ନିଜ ଶଜିବାକୁ ଉଚିତ ନ୍ୟାୟ ପ୍ରଦାନ କରିନାହାନ୍ତି । ବାହାର ରାଜ୍ୟକୁ ଯାଇଛନ୍ତି । ଅତିତରେ ବାରମାଳ ନୃତ ହୋଇ ଚାଉଛି । ଏହି ଭଲି ଏଏ କାଛି ରହିବେ, ସମୟ ଆସିବ ପାନ ଆମ କରି । ଫଳରେ ଚାଷୀର ଉନ୍ନତି ହେବା ପରିବରେ ଅବବୃଦ୍ଧିରେ ଗଛ ପାନବାଷୀଙ୍କ ଗୁଇର ଏକବିଶା ରାଜ୍ୟ ଧାନତାଷୀ ସମନ୍ୱୟ ସମିତି ' ' ରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ପାରଙ୍କ ଏସ୍ ପାଇଁ ଇହେଇ କରିବା ଶିବ ତାଣୀଙ୍କୁ ରଚିତ ନ୍ୟାୟ ପ୍ରଦାନ କରିବାରେ ଗଠନ କରାଗଲା । ଏହି ସମନ୍ୱୟ ସମିତି ମାଧ୍ୟମରେ ସମୟ ସମିତିର ରାଜ୍ୟ ଗୁଜାର ବିକରେ ରାଗେଶ୍ୱର ଜିଲ୍ଲାର ବାଲିଆପଳର ଯୁବ ସସମୟ ସମିତି ସକ୍ରିୟତାର ସହ କାର୍ଯ୍ୟ କରିବା । ଏ ସମନ୍ୱୟ ସମିତି" ର ଆଗ୍ରାହୁଳ ଜିଲ୍ଲାଶ ଗିଭିଙ୍କୁ ସର୍ବସମ୍ମତି କ୍ରମେ ଓଡ଼ିଶାର କୁବ ସମାଜସେବା ତଥା ' ସଦାଧର ଶିକ୍ଷା ପାଳବା ମନୋନୀତ କରାଗଲା ।

ବାଣୀପୀଠ ପୁରସ୍କାର ପାଇଲେ ପ୍ରଧାନଶିକ୍ଷକ 'ଶ୍ରୀଯୁକ୍ତ ହୃଦାନନ୍ଦ ମେହେର '

ସିନାପାଲି, ମୟୁରଭଞ୍ଜ ବଡ଼ସାହିଠାରେ ରାଜ୍ୟ ସ୍ତରୀୟ ଶିକ୍ଷା ସଂସ୍କୃତି ଓ କଳା ପାଇଁ ଉସର୍ଗୀ କୃତ ଅନୁଷ୍ଠାନ ବାଣୀପୀଠ ଦ୍ୱାରା ଆୟୋଜିତ ଚତୁର୍ଦ୍ଦି ବସୀୟ ମହୋତ୍ସବରେ ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ବ୍ଲକର ଫଳସାପଡା ଉପ୍ରା ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ହୃଦାନନ୍ଦ ମେହେରଙ୍କୁ ଅନୁଷ୍ଠାନ ର ଶ୍ରେଷ୍ଠ ପୁରସ୍କାର ବାଣୀପୀଠ ସମ୍ମାନରେ ସମ୍ମାନିତ କରାଯାଇଛି ।ଗତ ତା ୨୯/୧୨/ ୨୦୨୪ ରିଖ ମହୋତ୍ସବର ଉଦଯାପନୀ ସମାରୋହରେ ହଜାର ହଜାର ଦର୍ଶକଙ୍କ ସମାଗମ ଓ ସାହିତ୍ୟିକ, କବି, ଲେଖକ ତଥା କଳାକାର ମାନଙ୍କ ବିରାଟ ସମାବେଶରେ ଶ୍ରୀ ମେହେରଙ୍କୁ ଏକଲକ୍ଷ ଟଙ୍କାର ପଲିଶିବଣ୍ଡ ସହ ମାନପତ୍ର ପଦକ ଓ ଉପ ଢୌକନ ପ୍ରଦାନ କରାଯାଇଥିଲା ।ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଓ ବିକାଶ ପାଇଁ ତାଙ୍କର ବିଶେଷ ଅବଦାନସକାଶେ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି । ଏଥି ପୂର୍ବରୁ ଶ୍ରୀ ମେହେର ଜାତୀୟ ଓ ରାଜ୍ୟସ୍ତରରେ ଅନେକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ତଥା ସମ୍ମର୍ଦ୍ଧିତ ହୋଇସାରିଛନ୍ତି । ଗତବର୍ଷ ଆଦର୍ଶ ପ୍ରଧାନ ଶିକ୍ଷକ ଭାବରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ସ୍ତରୀୟ 'ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସେ ପ୍ରାପ୍ତ କରିଥିଲେ । ଜଣେ ପ୍ରଧାନ ଶିକ୍ଷକ ଭାବରେ ସମ୍ମାନ ଜନକ ଏହି ବାଣୀ ପୀଠ ପୁରସ୍କାର ପାଇବା ଜାଣି ସିନାପାଲି ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି ।ଶ୍ରୀ ମେହେରଙ୍କୁ ଅନେକ ଅନୁଷ୍ଠାନ,ବ୍ୟକ୍ତି ବିଶେଷ ତଥା ଛାତ୍ରଛାତ୍ରୀ ଏଥିପାଇ ଅଭିନନ୍ଦନ ଜଣାଇଛନ୍ତି । ଶିକ୍ଷକ ଶ୍ରୀ ମେହେର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ଆଗାମୀ ଦିନରେ ଶିକ୍ଷା, ସଂସ୍କୃତି ତଥା କଳାର ବିକାଶ ପାଇଁ ଉଦ୍ୟମ ଜାରି ରହିବା ସହ ଏଥିପାଇଁ ଏକ ସକରାମ୍ମକ ପରିବେଶ ସୃଷ୍ଟି କରିବା ପାଇଁ ଆହୁରି ଆନ୍ତରିକ ପ୍ରୟାସ ଜାରିରଖିବେ।

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି, ଉପସ୍ଥିତ ଅତିଥି ବରଗଡ଼ ଏମ.ପି ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ , ବରଗଡ଼ ବିଧାୟକ ଶ୍ରୀଯୁକ୍ତ ଆଶ୍ୱିନ ଷଡଙ୍ଗୀ, ବିଜେପୁର ବିଧାୟକ ଶ୍ରୀଯୁକ୍ତ ସନତ ଗଡତିଆ, ଅତାବିରା ବିଧାୟକ ଶ୍ରୀଯୁକ୍ତ ନିହାର ରଞ୍ଜନ ମହାନନ୍ଦ , ବରଗଡ଼ ଜିଲ୍ଲାପାଳ ଶ୍ରୀଯୁକ୍ତ ଆଦିତ୍ୟ ଗୋୟଲ , ବରଗଡ଼ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସାଏ ମୀନା ଏବଂ ଧନୁଯାତ୍ରା ମହୋତ୍ସବ କମିଟି ବୃନ୍ଦ । ଦୀର୍ଘ ଦଶ ଦିନ ଚାଲିବ ଏହି ମହୋତ୍ସବ

ଠାଙ୍ଗୋ ଗ୍ରାମରେ ବେଆଇନ ମଦ ଦୋକାନକୁ ଜାଳିଦେଲେ ମହିଳା

କୋମନା: ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ଠାଙ୍ଗୋ ଗାଁରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ ଦୋକାନ ଛତୁଫୁଟିଲା ଭଲି ଖୋଲିଛି । ମଦ ପିଇ ପ୍ରାୟ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବା ବେଳେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ପୋଲିସଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଲିଖତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ଶେଷରେ ମହିଳାମାନେ ମଦ ଦୋକାନରେ ନିଆଁ ଲଗାଇ ଜାଳି ଦେଇଛନ୍ତି । ଏନେଇ ଉଭୟ ପକ୍ଷରୁ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି ।ପ୍ରାପ୍ତ ସୂଚନା ଅନୁସାରେ ଠାଙ୍ଗୋ ଗାଁକୁ ନେଇ ୪ ୱାର୍ଡ ରହିଥ ?ବାବେଳେ ୪ଟି ବେଆଇନ ମଦ କୋଠି ରହିଛି । ଅଞ୍ଚଳର ଲୋକେ ଏଠାକୁ ଆସି ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି । ଏହାକୁ ରୋକିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ଅଞ୍ଚଳର ୪୫ ରୁ ଉର୍ଦ୍ଧ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକତ୍ରିତ ହୋଇ ଦୁଇ ଗୋଟି ମଦ କୋଠି ଜାଳିଦେଇଥିଲେ ।ପରେ ଆଜି ଶତାଧିକ ମହିଳା ପୁରୁଷ ତରବୋଡ ଫାଣ୍ଡିକୁ ଆସି ବେଆଇନ ମଦ କୋଠି ସମ୍ପୂର୍ଣ୍ଣ ବନ୍ଦ ନ କଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତ ।

ବନ୍ତୋଲ ଗ୍ରାମବାସୀଙ୍କ ଧମକ ପରେ ଅଣ୍ଡପାସ୍ ବ୍ରିଜର ଭୂମି ପୂଜନ

ତାଳଚେର,(ପି.ଏନ): ତାଳଚେର ବ୍ଲକ ଅନ୍ତର୍ଗତ ବନ୍ତୋଲ କୁକୁଡୁଲାର ବହୁ ପ୍ରତିକ୍ଷୀତ ବନ୍ତୋଲ ରେଳଫାଟକ ଠାରେ ପ୍ରସ୍ତାବିତ ରେଳ ଅଣ୍ଡରପାସ୍ ବ୍ରିଜ ନିର୍ମାଣର ଶୁଭ ଭୂମିପୂଜନ ଉତ୍ସବରେ ଆଜି ମୁଖ୍ୟ ଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନୀୟ ଅତିଥିଭାବେ ରେଲୱେ ଡ଼େପୁଟି ଇଂ ଶୈଳେନ୍ଦ୍ର ନାୟକ ଓ ଗ୍ରାମାବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଣ୍ଡପାସ୍ ନିର୍ମାଣ ନେଇ ବହୁ ବର୍ଷରୁ ବନ୍ତୋଲ ପଂଚାୟତ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଆପତି ଅଭିଯୋଗ, ଧାରଣା। ଇତ୍ୟାଦି ଦେବାପରେ ରେଲୱେ କର୍ତୁପକ୍ଷ କର୍ଣ୍ଣପାତ କରୁନଥିବାରୁ ସେମାନେ ବାଧହୋଇ ଆଗକୁ ଆନ୍ଦୋଳନ କରିବାକୁ କଡ଼ା ଚେତାବନୀ ଦେଇଥିଲେ । ଏହାର ଫଳସ୍ୱରୂପ ରେଲୱେ କର୍ତୁପକ୍ଷ ହୃଦୟଙ୍ଗମ କରି ସର୍ବଶେଷର ମୁଣ୍ଡ ନଇବାକୁ ବାଧହେଲା । ପ୍ରକାଶ ଥାଉକି, ଏହି ବନ୍ତୋଲ ରେଳ ଫାଟକ ଦେଇ ଅହରହ ଟ୍ରେନ ଚଳାଚଳ ଜନିତ ଦୈନିକ ପ୍ରାୟ ୧୮ ଘଂଟା ଫାଟକ ପଡ଼ି ରହୁଥିବାରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ପଥଚାରୀ, ଗ୍ରାମବାସୀ ସମେତ ୪ଟି ପଂଚାୟତବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଟ୍ରେନ ଚଳାଚଳ ଯୋଗୁଁ ଫାଟକର ଉଭୟପାଶ୍ୱର୍ରେ କି ଶୀତ, କି ଖରାରେ ଦୀର୍ଘ ସମୟ ଲୋକଙ୍କୁ ଅପେକ୍ଷା କରିବାକୁ ପଡ଼ିଥାଏ । ତାଳଚେରରୁ ପ୍ରଚୁର ରାଜସ୍ୱ ଯାଉଥିଲେ ମଧ୍ୟ ରେଳକର୍ତୁପକ୍ଷ ଏହାକୁ କାହିଁକି ଯେ, ଏଡ଼ାଇ ଦେଉଥିଲେ ସେଥିନେଇ ବିଭିନ୍ନ କଳ୍ପନଜୁ ?ନା ବୃଦ୍ଧି ପାଇବା ସହ ତାଳଚେର ଚର୍ତୁପାଶ୍ୱର୍ରେ ରହିଥିବା ଅନ୍ୟାନ୍ୟ ଫାଟକ ଗୁଡ଼ିକରେ କେବେ ଅଣ୍ଡରପାସ ନିର୍ମାଣ ହେବ ଓ ସ୍ଥାନୀୟ ଲୋକେ ଏଥିରୁ କେବେ ଆଶ୍ୱସ୍ତି ପାଇବେ ତାକୁ ନେଇ ଆଶା ଆଶଙ୍କାରେ । ତେବେ ଏହି ଅଣ୍ଡରପାସ୍ ବ୍ରିଜ ନିର୍ମାଣ କେତେ ଦୂର ହେଉଛି ତାହା ଦେଖିବାକୁ କେବଳ ବାକି ରହିଲା ।

ଚାଷିଙ୍କୁ କ୍ଷତିପୂରଣ ଦେବା ଦାବୀରେ ସିପିଆଇ (ଏମ୍)ର ରଣପୁରରେ ବିକ୍ଷୋଭ

ରଣପୁର, : ଗତ ସପ୍ତାହକ ତଳେ, ଅଦିନିଆ ଲଗାଣ ବର୍ଷା ରେ ରଣପୁରରେ ଚାଷୀଙ୍କ ପାଚିଲା ଧାନରେ ପାଣି ମାଡି ଗଜା ହେବା, କଟା ଧାନ ନଷ୍ଟ ହେବା ସହ ରବି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା ରୁଣ ଛାଡ,ବ୍ୟାପକ ନୂଆ କୃଷି ରୁଣ ପ୍ରଦାନ, ବିନା କଟନୀ ଛଟନୀ ରେ ତୁରନ୍ତ ଚାଷିଙ୍କ ଠାରୁ ଧାନ କ୍ରୟ ଏବଂ ୨୦୧୫ ର ଚାଷୀ କ୍ଷତିପୂରଣ ରାଶିର ସଂଶୋଧନ ପାଇଁ ଦାବୀ କରିଥିଲେ।

ବେଳେ ଚାଷୀ ମାନେ ମାନସିକ ଭାବେ ଭାଙ୍ଗି ପଡି ମୁଣ୍ଡ ରେ ହାତ ଦେଇ ବସିଛନ୍ତି। ସରକାର ବେସାହାରା ଚାଷୀଙ୍କୁ ଶୀଘ୍ର କ୍ଷୟ କ୍ଷତି ଆକଳନ କରି କ୍ଷତି ପୂରଣ ବାବଦକୁ ସହାୟତା ପ୍ରଦାନ କରିବାକୁ ସିପିଆଇ (ଏମ) ରଣପୁର ଆଞ୍ଚଳିକ କମିଟି ତରଫରୁ ୩୦/୧୨ ପୂର୍ବାହ୍ନ ରେ ଶତାଧିକ ଚାଷୀ ଗଜା ଧାନ ଧରି ରଣପୁର ପଞ୍ଚୁଦୋଳ ପଡିଆ ରୁ ଏକ ଶୋଭାଯାତ୍ରା ରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖ ରେ 'ଗଣ ବିକ୍ଷୋଭ' ସଂଗଠିତ ହୋଇ କରିଥିଲେ । ସାଥୀ ଦୁଃଶାସନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବକ୍ତା ମାନେ ପ୍ରଶାସନ ତରଫରୁ ଯଥା ଶୀଘ୍ର ସଠିକ ତଦନ୍ତ,ଚାଷୀଙ୍କୁ କ୍ଷତିପୂରଣ ଏକର ପିଛା ୨୫ ହଜାର ଟଙ୍କା ପ୍ରଦାନ, ଚାଷୀ ସରକାର ଏଥିରେ ବ୍ୟତିକ୍ରମ କଲେ ଭବିଷ୍ୟତ ରେ ରଣପୁର ଚାଷୀ ମାନଙ୍କ ଦ୍ୱାରା ଦୃଢ଼ ଆନ୍ଦୋଳନ କରାଯିବ ବୋଲି ପାର୍ଟି ତରଫରୁ ଚେତାବନୀ ଦିଆ ଯାଇଛି । ଏହି ବିକ୍ଷୋଭ ଆନ୍ଦୋଳନ ରେ ପାର୍ଟିର ଜିଲ୍ଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର,ବରିଷ୍ଠ ନେତା ଗଙ୍ଗାଧର ଆଚାର୍ଯ୍ୟ, ନିତ୍ୟାନନ୍ଦ ପରିଡା, ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ଉଚ୍ଚ ନ୍ୟାୟାଳୟର ଆଇନଜୀବୀ କବିରାଜ ପ୍ରଧାନ , ମହିଳା ନେତ୍ରୀ ସଂଯୁକ୍ତା ସେଠୀ, ଗଦାଧର ପ୍ରଧାନ, ସୁଶୀଲ ମହାନ୍ତି, ଭିକାରୀ ଚରଣ ସାହୁ,ସବ୍ୟସାଚୀ ସେନାପତି,କୁଳମଣି ପଲେଇ ଓ ବିଜୟ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ହାତୀ ପାଦ ଚିହ୍ନରେ ରକ୍ତ ଛିଟା, ଡ୍ରୋନ୍ ଦ୍ୱାରା ଯାଞ୍ଚ

ତେଲକୋଇ-କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ରହି ଆସିଛି । ଦୀର୍ଘ ଦୁଇମାସ ହେବ ତେଲକୋଇ ବନାଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ହାତୀ ପଲ ଉପଦ୍ରବ ଚଳାଇ ଆସୁଛନ୍ତି । ଏବେ କାଳିଆହତା ଫରେଷ୍ଟ ବିଟ୍ ରେ ୪୧ ଟିକିଏ ହାତୀ ପଲ ଡେରା ପକାଇଥିବା ବେଳେ ସେ ଅଞ୍ଚଳରେ ଉପଦ୍ରବ ମଧ୍ୟ କରୁଛନ୍ତି ।କାଳିଆହତା ଫରେଷ୍ଟ ବିଟ୍ ବେଣାମୁଣ୍ଡା ଗାଁ କୁ୍ୟାର ସାହି ଜଙ୍ଗଲ ନିକଟରେ ହାତୀ ପାଦ ଚିହ୍ନରେ ରକ୍ତ ଛିଟା ଦେଖିବାକୁ ମିଳିଛି । କୌଣସି ଏକ ହାତୀ ଗୋଡ଼ରେ କ୍ଷତ ଥିବା ନେଇ ସନ୍ଦେହ କରାଯାଉଛି । ଫଳରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ବି ବିତରଣ କରୁଥିବା ସ୍ଥାନରେ ବ୍ୟାପକ ଯାଞ୍ଚ କରିଛନ୍ତି। ସେଠାରେ ହାତୀପଲ ରହିଥିବା ବେଳେ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ହାତୀ ମାନଙ୍କୁ ନିରୀକ୍ଷଣ କରାଯାଇଛି ।ଶିକାରୀ ର ତୀରମାଡ ହେଉ କିଂବା କୌଣସି କାରଣରୁ ହେଉ ହାତୀ ପାଦ ରୁ ରକ୍ତ ପଡୁଥିବା ପାଦଚିହ୍ନ ରୁ ଜଣାପଡୁଛି । ଏ ସମ୍ପର୍କରେ ରେଞ୍ଜର ଶିବାଜୀ ମୋହନ ରାଓଙ୍କୁ ପଚାରିବାରୁ ସେ କହିଲେ ଯେ ଉକ୍ତ ସ୍ଥାନରେ ହାତୀ ମାନଙ୍କୁ ଡ୍ରୋନ ଦ୍ୱାରା ନିରୀକ୍ଷଣ କରାଯାଇଛି । ଏ ପର୍ଯ୍ୟନ୍ତ କୌଣସି କାରଣ ଜଣା ପଡ଼ି ନାହିଁ।

ବାରବନ୍ଧ ଗାଁରେ ହାତୀ ଆତଙ୍କ : ଘର ଭାଙ୍ଗିବା ସହ ଧାନ ଓ ଫସଲ ନଷ୍ଟ

ମୁରିବାହାଲ,(ପି.ଏନ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ବାରବନ୍ଧ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ୧୩ ଟିକିଆ ଜଙ୍ଗଲି ହାତୀପଲ ଗାଁ କୁ ପଶି ଆସି ଆତଙ୍କ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ବାରବନ୍ଧ ଗ୍ରାମର ଚାଷୀ ସୁମନ ନାଏକଙ୍କ ଘରକୁ ଭାଙ୍ଗିଦେଇ ବର୍ଷକର ଖାଇବା ପାଇଁ ରଖାଯାଇଥିବା ୨୫ ବସ୍ତାରୁ ଅଧିକ ଧାନ ଖାଇଦେବା ସହିତ ଚାଷ କରିଥିବା କପା,ପନିପରିବା ଫସଲକୁ ହାତୀପଲ ନଷ୍ଟ କରିଥିବା ଜଣାପଡ଼ିଛି । ଚାଷ ପାଇଁ ଲଗାଯାଇଥିବା ନଳ କୁ ଉପାଡି ବା ସହିତ ଲାଗିଥିବା ସୋଲାର ପ୍ଲେଟ ଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ରବିରତୁ ପାଇଁ ଧାନ ରୂଆ ହୋଇଥିବା ଜମି କୁ ମଧ୍ୟ ନଷ୍ଟ କରିଥିବା ଦେଖିବାକୁ ମିଳିଛି ।ମୁରିବାହାଲ ରେଞ୍ଜ ର ବନ କର୍ମଚାରୀ ହାତୀକୁ ଘଉଡାଇବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ହାତୀ ଠାରୁ ଦୂରେଇ ରହିବାପାଇଁ ଲୋକଙ୍କୁ ସଚେତନ କରାଉଛନ୍ତି।

ଦିର୍ଘ ବର୍ଷ ହେବ ରାସ୍ତା ମରାମତି ନାହିଁ

ବରଗଡ,(ପି.ଏନ): ବରଗଡ ଜିଲ୍ଲା ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ବୁଡାମାଲ ଗ୍ରାମପଞ୍ଚାୟତର ଗୁଠୁର୍ଲା ଗ୍ରାମ ଠାରୁ ଲୁହାଖାନ ଗ୍ରାମକୁ ସଂଯୋଗୀକରଣ ଆରଡି ବିଭାଗର ରାସ୍ତା ଅତ୍ୟନ୍ତ ଶୋଚନୀୟ କଦର୍ଯ୍ୟ ଅବସ୍ଥାରେ ଦିର୍ଘ ବର୍ଷ ହେବ ପଡ଼ିରହିଛି ।ଏଇ ରାସ୍ତା ମାତ୍ର ଦୁଇ କିଲୋମିଟର ମଧ୍ୟରେ ହେବ । ଲୋକେ ତ ଲୋକେ ଏଇ ରାସ୍ତାରେ ଗୃହ ପାଳିତ ପଶୁ ମାନେ ମଧ୍ୟ ଯିବା ଆସିବାକୁ ଅମଙ୍ଗ

‘ନିରନ୍ତର ରାଜମନ କରଇ ଅସ୍ଥିର ଆଜି ସେ ରାଜେନ୍ଦ୍ରାସନେ କାଲି ସେ ଫକୀର....’

କିଶୋର କୁମାର ଜେନା

ସମସ୍ତେ ସୁଖ ଚାହାନ୍ତି। କେହିହେଲେ ଦୁଃଖ ଚାହେଁ ନାହିଁ। ସୁଖ ପାଇଁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରେ ବୁଲିବାକୁ ମଧ୍ୟ ସେ କୁଣ୍ଠବୋଧ କରେନା। ମାତ୍ର ସୁଖ ରହିଛି କେଉଁଠି ? ବସ୍ତୁରେ, ମନରେ, ସମୟରେ, ବେଶକାଳ ପାତ୍ରରେ ନାମ ଶିଷର ଭାବନାରେ ? ଇନ୍ଦ୍ରିୟ ସୁଖ କ୍ଷଣିକ। ଯେଉଁ ବସ୍ତୁ ପାଇଁ ଯେଉଁ ଇନ୍ଦ୍ରିୟ ଆଗ୍ରହ ପ୍ରକାଶ କରିଥାଏ, ସେ ବସ୍ତୁ ମିଳିଗଲାପରେ ବା ସେ ବିନାଶ ହୋଇଗଲେ ସୁଖ ଉଭେଇ ଯାଏ। ‘ସୁଖ ରୂପେ ଯାହା ଜନନେତ୍ରେ ଦିଶେ, ହାତୁ ଆସେ ହାତେ ପଡ଼ିବା ପାଇଁ ସେ, ବସ୍ତୁ ନୁହଇ ସେ ଅଟଇଟି ଧୁମ, ଅନ୍ୟନାମ ତୋର ଆକାଶ କୁସୁମ।’

ସନାତନ ଧର୍ମରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ତ୍ରୀଦେବ କୁହାଯାଇଥାଏ। ଏମାନେ ହେଉଛନ୍ତି ସୃଷ୍ଟିର ତିନୋଟି ସ୍ୱରୂପ - ନିର୍ମାଣ, ବିକାଶ ଓ ସମାପ୍ତିର ପ୍ରତୀକ। ବ୍ରହ୍ମା ସୃଷ୍ଟିର ନିର୍ମାଣ କରିଥାନ୍ତି। କର୍ମଶୀଳ ବ୍ୟକ୍ତି ସହିତ ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ରହିଥାଏ। ଭଗବାନ ଶିବ ସହିଷ୍ଣୁତା ତଥା ଉତ୍ତରଦାୟିତ୍ୱ, ପ୍ରବନ୍ଧନର ଦେବତା। ଜୀବନରେ ଅନେକ ଅଭାବ ଅସୁବିଧା ଲାଗି ରହିଥାଏ। ସୁଖ, ସମୃଦ୍ଧି ଓ ଧନ କାମନା ପ୍ରତ୍ୟେକ ପ୍ରାଣୀର ମନରେ ଥାଏ। ଏହି ଭୌତିକ ସୁଖ ପାଇବାକୁ ହେଲେ ଏଭଳି ଏକ ମନ୍ତ୍ର ରହିଛି ଯାହାଦ୍ୱାରା ତ୍ରୀଦେବଙ୍କ ସହ ନବଗ୍ରହଙ୍କୁ ମଧ୍ୟ ଶାନ୍ତି କରାଯିବା ସମ୍ଭବପର। ପୂର୍ବକାଳରେ ମନ୍ତ୍ର ସାଧନା ସମ୍ପୂର୍ଣ୍ଣ ଭାବେ ସାତ୍ତ୍ୱିକ ଉଦ୍ଦେଶ୍ୟରେ କରାଯାଉଥିଲା। ସମୟ ଅତିବାହିତ ହେବା ସହ ସାତ୍ତ୍ୱିକତା ବ୍ୟତୀତ ରାଜସିକ, ତାମସିକ ଉଦ୍ଦେଶ୍ୟ ସାଧାନ ପାଇଁ ମନ୍ତ୍ରର ବ୍ୟବହାର କରାଗଲା। କିନ୍ତୁ ମନ୍ତ୍ରଗୁଡ଼ିକର ଅଭ୍ୟୁଦୟ ସମୟରୁ ହିଁ ଏଗୁଡ଼ିକ ଈଶ୍ୱର ପ୍ରାପ୍ତିର ମାଧ୍ୟମ ହୋଇ ଆସିଛି। ଏହି ଆଧାରରେ ମନ୍ତ୍ର ସାଧନାକୁ ସାତ୍ତ୍ୱିକ ପ୍ରଧାନ ଅଥବା ସାତ୍ତ୍ୱିକ ସାଧନା ବୋଲି କୁହାଯାଇଥାଏ। ପ୍ରତିଦିନ ପ୍ରାତଃକାଳରୁ ଉଠି ସ୍ନାନାଦି ନିତ୍ୟକର୍ମ ସମ୍ପନ୍ନ କରିବା ପରେ ତ୍ରୀଦେବଙ୍କ ମୂର୍ତ୍ତି ସମ୍ମୁଖରେ ପ୍ରଣାମ କରିବା ଉଚିତ। ଏହି ସମୟରେ ତ_16ଦବଙ୍କ_ ବ୍ରହ୍ମାମୂରାରୀତ୍ରିପୁରାନ୍ତକାରୀ ଭାନୁଃ ଶଶୀ ଭୂମିସୂତୋ ବୁଦ୍ଧଶ୍ଚ। ଗୁରୁଶ୍ଚ ଶୁକ୍ରଃ ଶନିରାହୁକେତବଃ କୂର୍ବନ୍ତୁ ସର୍ବେ ମମ୍ ସୁପ୍ରଭାତମ୍।

ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆତ୍ମମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି - ‘ପ୍ରକୃତ ସୁଖ ହେଉଛି ଆତ୍ମସୁଖ। ମଣିଷର ହୃଦୟରେ ଯେଉଁ ଆତ୍ମପୁରୁଷ ବିଦ୍ୟମାନ ତାଙ୍କରି ଠାରେ ଧ୍ୟାନ ଲଗାଇଲେ ପ୍ରକୃତ ସୁଖ ମିଳେ। ଚିରଶାନ୍ତି ଲାଭ ହୁଏ। ମୃଗନାଭି କସ୍ତୁରୀର ବାସ୍ନାରେ ସମଗ୍ର ବନଭୂମି ମହକି ଉଠୁଥାଏ। ସେହି ବାସ୍ନାରେ ପାଗଳ ମୃଗ କସ୍ତୁରୀକୁ ଦେଖିବା ପାଇଁ ଏଣେ ତେଣେ ପାଗଳ ଭଳି ଧାଇଁ ବୁଲେ। ମାତ୍ର କସ୍ତୁରୀ ଯେ ତା ନିଜ ନାଭିଦେଶରେ, ସେ କଥା ସେ ଜାଣିପାରେ ନାହିଁ। ଠିକ ସେହିପରି ଆତ୍ମପୁରୁଷ ସୁଖ ଶାନ୍ତିର ଆଧାର।’ ‘ସର୍ବଦୁଃଖ ନିବୃତ୍ତି, ପରମାନନ୍ଦ ପ୍ରାପ୍ତି’ର ଦିଗଦର୍ଶକ ଏକଥା ଜାଣି ମଣିଷ ସୁଖ ପାଇଁ ସାଂସାରିକ ଅନିତ୍ୟ ବସ୍ତୁ ପଛରେ ଧାଇଁ ବୁଲୁଛି। ମରୀଚିକାକୁ ଜଳଭାବି ଶେଷରେ ହତାଶ ହେଉଛି। ଆଧାତ୍ମିକ ପଥର ପଥିକ ହେଲେ ଆତ୍ମପୁରୁଷ ସୁଖ୍ ହୁଅନ୍ତି। ସେ ପ୍ରସନ୍ନ ହେଲେ ମାନବ ସୁଖୀ ହୁଏ।

ସାଂସାରିକ ବସ୍ତୁ ପ୍ରାପ୍ତ ହୋଇ ଯେଉଁ କ୍ଷଣିକ ସୁଖ ମନୁଷ୍ୟକୁ ମିଳେ ତାହା ପରମାନନ୍ଦ ପ୍ରାପ୍ତି ସହ ତୁଳନା କରାଯାଇ ପାରିବନାହିଁ। ଏହି ସୁଖ ଅବର୍ଣ୍ଣନୀତ, ଅତୁଳନୀୟ, ଅଲୌକିକ, ପରମାର୍ଥିକ। ଅନନ୍ତକାଳ ଧରି ଏହି ସୁଖର ଆତ୍ମଧାରାରେ ଅବଗାହନ କରିବା ପାଇଁ ମୁନି, ଋଷି, ମହାତ୍ମାମାନେ ଏକାନ୍ତରେ ବସି ବିଭୁ ପଦାରବିନ୍ଦରେ ଧ୍ୟାନ ଲଗାଉଛନ୍ତି। ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣୀୟ ଧାଡ଼ିଟି ଉଲ୍ଲେଖ କରୁଛି - ‘ମୁକୁଟ ମଣ୍ଡିତ ରାଜଶିର ନୁହଇ ଶାନ୍ତି-ଆସ୍ପଦ, ଆଶଙ୍କା ଭୟ ବିପଦ। ନିରନ୍ତର ରାଜମନ କରଇ ଅସ୍ଥିର ଆଜି ସେ ରାଜେନ୍ଦ୍ରାସନେ କାଲି ସେ ଫକୀର। ଏ ସଂସାରେ ନାହିଁ ସୁଖ ଶାନ୍ତି, ଅହଙ୍କାର ଦ୍ୱେଷ ରୋଷ ଲୋଭ ମୋହ ଅସନ୍ତୋଷ। ଦୁଷ୍ଟ ରିପୁଦଳ ଘୋର ଅନର୍ଥ ଘଟାନ୍ତି, ପାପର ଭୀଷଣାବର୍ତ୍ତେ ନରେ ନିକ୍ଷେପନ୍ତି।’

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୨

ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ

ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ “ଶିଶୁ ପାଇଁ ଦିନଟିଏ” କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି “ସୁକନ୍ୟା ସମୃଦ୍ଧି” ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

ସୁକତେଲ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,(ପି.ଏନ) ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନେସନାଲ ସର୍ଭିସ୍ ଫାଉଣ୍ଡେସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଅନୁକୂଲ୍ୟ ରେ ଆୟୋଜିତ ସୁକତେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହି ନେଇଥିଲା ବଲାଙ୍ଗିର ର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶ ଙ୍କ ମଡୁଆଶାଳ, ପଂଚରଶି, ଡାଲଖାଇ ଆଦି ଲୋକ ନୃତ୍ୟ ଓ ଲୋକ ଗୀତ କ୍ଷ ମଡୁଆଶାଳ ର ବିଶେଷ ଆକର୍ଷଣ ବିହା ବେଦିରେ ମଡୁଆ ମାରିବା ଠୁ ନେଇ ଝିଅ ଶାଶୁ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା କ୍ଷ ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କିର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗ ଦେଇଥିଲେ । ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୂଦନ ନାୟକ ଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା । ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ , ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଉଦ୍‌ଯାପନି ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍କ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଂଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଂଚାସିନ ହୋଇଥିଲେ ।

ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ

ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି । ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ । ତେଣୁ ସେ ଥିଲେ କ୍ରାନ୍ତିକାରୀ । ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ ।

ଗୋଟିଏ ସମ୍ଭାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ । ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା । ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ । ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ । ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା ।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ । ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ । ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା । ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ । ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର ।

କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି । ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି । ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି । ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ୱିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀର

ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୨୦୧୯ରୁ ଏମାନଙ୍କୁ ବହଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ “ନିଃଶବ୍ଦ ଆଳାପ”କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ “ନିଃଶବ୍ଦ ଆଳାପ”କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଠକୀୟତା ଅର୍ଜ୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମର୍ନ୍ଦିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟକା ନୟମତ ସେବନ ନମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧ୍ୟହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ୍ୟ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।

MAHARISHI PUBLIC SCHOOL
2025-2026
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2025
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖୋଲ ପର୍ଯ୍ୟବେକ୍ଷକ

Bhubaneswar Tuesday May 27 | ଭୁବନେଶ୍ୱର ମଙ୍ଗଳବାର, ୨୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାର ନୂତନ ଖାଉଟି କାର୍ଡ ବଣ୍ଟନ

ରାୟଗଡ଼,(ପି.ଏନ): ରାୟଗଡ଼ ଜିଲ୍ଲା ସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆଜି ଜିଲ୍ଲାପରିଷଦ ରାୟଗଡ ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ, ଓଡିଶା ସରକାର ଯୋଗଦେଇ ଜିଲ୍ଲାର ରାୟଗଡ, କୋଲନରକ୍ଷ ବ୍ଲକ ଓ ପୌରାଞ୍ଚଳର ୨୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ପରବର୍ତ୍ତୀ ସମୟରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ଖାଉଟି କାର୍ଡ ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ରାଜକିଶୋର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସାମିଲ ହୋଇ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ମାନ୍ୟବର ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଲେ ନୂତନ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସ୍ୱରୂପ ସୁଭଦ୍ରା ଯୋଜନା, କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ନୂତନ ଖାଉଟି କାର୍ଡ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଇ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କୁ ଧନ୍ୟବାଦ ଜଣାଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନା ରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ରେ ଜିଲ୍ଲାର ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମ ସମ୍ମାନିତ ଅତିଥି ଭାବେ ବିଡ଼ିଓରାୟଗଡ଼ ଶ୍ରୀ ସୁଜିତ ମିଶ୍ର,ଭାଜପା ଜିଲ୍ଲା ସଭାପତି ଗୋପୀ ଆନନ୍ଦ,ସମାଜ ସେବି କଳିରାମ ମାଝୀ, ବସନ୍ତ ଉଲ୍ଲୁକା, ଯୋଗଦେଇ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ରାଜକିଶୋର ପାଣିଗ୍ରାହୀ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗାଣ ବିଭାଗର ଅଧିକାରୀ,ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ ଖାଉଟି କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରି ସମସ୍ତଙ୍କୁ ଉତ୍ସାହିତ କରିଥିବାରୁ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।।

ପାରାଦୀପର ୭ ଜଣ ଛାତ୍ରଛାତ୍ରୀଙ୍କ ସଫଳତା : ରାଜ୍ୟ ସ୍ତରୀୟ ହକି ଅମ୍ପାୟାର୍ସ ଲେଭେଲ-୧

ପାରାଦୀପ,(ପି.ଏନ): ରାଜ୍ୟ ସରକାର ଓ ଓଡ଼ିଶା ନାଭାଲ ଟାଟା ହକି ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ହକି ଅମ୍ପାୟାରସ ଲେଭେଲ-୧କୋର୍ସ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦ୍ୱୀପର ୭ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି ।ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ୨୪ ମଇ ଠାରୁ ୨୬ ମଇ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ତଥା ଓଡିଶା ନାଭାଲ ଟାଟା ହକି ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ହକି ଲେଭେଲ -୧ ଅମ୍ପାୟରିଂ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ହେଲେ ଶ୍ରୀ ଆୟୁଷ କୁମାର , ସତ୍ୟ ସୁବ୍ରତ ଜେନା, ବିନୟ କୁମାର ଖିଲାର, ସନ୍ଧିତ ବିଶ୍ୱଭୂଷଣ, କୁମାରୀ ତ୍ରିନୁୟୀ ପ୍ରଧାନ, କୁମାରୀ ସୁହାନି ରାଉତ, କୁମାରୀ ସଂଚିତା ସ୍ୱାଇଁ ଏହି ୭ ଜଣ ହକି ଖେଳାଳି ପିପିଏଲ, ପାରାଦ୍ୱୀପର ଟାଟା ହକି ଗ୍ରାସ ରୁଟ କେନ୍ଦ୍ରର ଖେଳାଳି ତଥା ପିପିଏଲ ଡିଏଭି ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ ଅଟନ୍ତି । ଏମାନଙ୍କ ସଫଳତା ପାଇଁ ଜିଲ୍ଲାର କ୍ରୀଡ଼ା ଅଧିକାରିଣୀ ଶ୍ରୀମତୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଡିଏଭି ପିପିଏଲ ପାରାଦ୍ୱୀପ ର ଅଧକ୍ଷ ସଂଜୀବ କୁମାର ସାହୁ ତଥା ଡିଏଭି ପିପିଏଲ ର କ୍ରୀଡା ଶିକ୍ଷକ ତଥା ସେଣ୍ଟର୍ ସଂଯୋଜକ ଶାଶ୍ୱତ କୁମାର ଭାରତୀୟ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ବିଜେବି ସ୍ୱୟଂଶାସିତ କଲେଜରେ ଅର୍ଥଶାସ୍ତ୍ର ଅନର୍ସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସଂସ୍କୃତି ମହାପାତ୍ର

ଭୁବନେଶ୍ୱର,(ପି.ଏନ): ଚଳିତ ବର୍ଷ ବିଜେବି ସ୍ୱୟଂଶାସିତ କଲେଜରେ +୩ ପରୀକ୍ଷାରେ ଅର୍ଥଶାସ୍ତ୍ର ଅନର୍ସରେ ସୁଶ୍ରୀ ସଂସ୍କୃତି ମହାପାତ୍ର ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।ସୁଶ୍ରୀ ସଂସ୍କୃତି କେନ୍ଦ୍ରାପଡ଼ା ଜିଲ୍ଲା ତେଣ୍ଡାକୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମ ନିବାସୀ ଭକ୍ତିକାନ୍ତ ମହାପାତ୍ର ଓ ଦୀପ୍ତି ମହାନ୍ତିଙ୍କ ସୁଜନ୍ୟା। ଅଟନ୍ତି ।ଓଲିଉଡ ଅଭିନେତା ଓ ରାଜ୍ୟ ସ୍ତରୀୟ କର୍ମଚାରୀ ନେତା ମୁକ୍ତିକାନ୍ତ ମହାପାତ୍ରଙ୍କ ଝିଆରୀ ସୁଶ୍ରୀ ସଂସ୍କୃତି ନିଜର କଠିନ ଅଧ୍ୟବସାୟ,ବାପା ମା ଏବଂ ଗୁରୁଜନଙ୍କ ପ୍ରେରଣା ଓ ଅଧ୍ୟାପକ ମାନଙ୍କ ତତ୍ୱାବଧାନରେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି ।ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପାଇଁ ଲକ୍ଷ ରଖିଛନ୍ତି ଏବଂ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ।ସୁଶ୍ରୀ ସଂସ୍କୃତିଙ୍କ ସଫଳତା ନେଇ ଗ୍ରାମବାସୀ ଏବଂ ସାଙ୍ଗସାଥୀ ଓ ବନ୍ଧୁ ପରିଜନ ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

ତୁଷୁରାରେ ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର ଉଦଘାଟିତ

ଗୁଡଭେଲା,(ପି.ଏନ):ତୁଷୁରା ମାରୱାଡି ଯୁବାମଞ୍ଚ ଓ ଜାଗୃତି ଶାଖାର ଆନୁକୂଲ୍ୟରେ ଶ୍ରୀ ମହାବୀର ବିକଳାଙ୍ଗ ସହାୟତା ସମିତି, ରାଞ୍ଚିର ମିଳିତ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲ୍ଲା ତୁଷୁରା ଅଗ୍ରସେନ ଭବନ ଠାରେ ରବିବାର ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର ଉଦଘାଟିତ ହୋଇ ଯାଇଛି । ଏହି ଶିବରକୁ ବଲାଙ୍ଗୀର ଗାୟତ୍ରୀ ଶକ୍ତିପୀଠର ସଂପାଦକ ଡା ସୁରେଶ କୁମାର ସଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାରୱାଡି ଯୁବାମଞ୍ଚର ସଂସ୍ଥାପକ ଓ ଉପାଧକ୍ଷା ବିଷ୍ଣୁ ପ୍ରସାଦ କେଡିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।

ପାରାଦୀପରେ ପ୍ରଧାନମନ୍ତ୍ରୀଙ୍କ ୧୨୨ତମ 'ମନ କୀ ବାତ' କାର୍ଯ୍ୟକ୍ରମ ଶୁଣିଲେ ରାଜ୍ୟ ଶିକ୍ଷମନ୍ତ୍ରୀ ଓ ଦଳୀୟ କାର୍ଯ୍ୟକର୍ତ୍ତା

ପାରାଦୀପ,(୨୭।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ୧୨୨ତମ 'ମନ କୀ ବାତ' କାର୍ଯ୍ୟକ୍ରମ ରବିବାର ଦିନ ୧୧ ଟା ସମୟରେ ସାରା ଦେଶରେ ପ୍ରସାରିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପାରାଦୀପ ରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ରଙ୍ଗିଗଡ଼ ସ୍ଥିତ ବାସଭବନରେ ସାଧାରଣ ଜନତା ଙ୍କ ସହ ମନ କୀ ବାତ କାର୍ଯ୍ୟକ୍ରମ ଶୁଣିଥିଲେ ।ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, 'ଆଜି ସମଗ୍ର ଦେଶ ଆତଙ୍କବାଦୀ ବିରୁଦ୍ଧରେ ଏକଜୁଟ । 'ଅପରେସନ ସିନ୍ଦୂର' ସମୟରେ ଆମର ଯବାନମାନେ ଯେଉଁ ବୀରତ୍ୱ ଏବଂ ପରାକ୍ରମ ଦେଖାଇଛନ୍ତି, ତାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । 'ଅପରେସନ ସିନ୍ଦୂର' ସମଗ୍ର ବିଶ୍ୱରେ ଆତଙ୍କବାଦୀ ବିରୁଦ୍ଧରେ ହେଉଥିବା ସଂଗ୍ରାମକୁ ନୂତନ ବିଶ୍ୱାସ ଦେଇଛି । ଏହା ହେଉଛି ଆମ ସଂକଳ୍ପ, ସାହସ ଓ ପରିବର୍ତ୍ତିତ ହେଉଥିବା ଭାରତର ଛବି ଏବଂ ଏହି ଛବି ଦେଶବାସୀଙ୍କୁ ଦେଶଭକ୍ତିର ଭାବନାରେ ଭରି ଦେବା ସହ ତ୍ରିରଙ୍ଗାର ରଙ୍ଗରେ ରଙ୍ଗେଇ ଦେଇଛି ଏ ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ଜ୍ଞାନକୌଶଳର ଶକ୍ତିକୁ ଉପଯୋଗ କରି ଆମର ସେନା ଆତଙ୍କବାଦୀ ଆଡ୍ଡାଗୁଡିକୁ ସାହସର ସହ ଧ୍ୱଂସ କରିଛନ୍ତି ଏ ଏହା 'ଆତ୍ମନିର୍ଭର ଭାରତ'ର ସଂକଳ୍ପକୁ ପ୍ରତିପାଦିତ କରିବା ସହ 'ଭୋକାଲ୍ ଫର୍ ଲୋକାଲ୍'କୁ ପ୍ରୋତ୍ସାହନ ଯୋଗାଇଛି ଏ ଭାରତ ନିର୍ମିତ ସାମଗ୍ରୀକୁ ବ୍ୟବହାର କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ଏ ଯାହା ଭାରତୀୟ ଅର୍ଥନୀତିକୁ ଆଗକୁ ନେବାରେ ସହାୟକ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିସହ 'ବଣ୍ୟ ପ୍ରାଣୀ ସଂରକ୍ଷଣ' ଉପରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିବା ସହିତ ଡ୍ରୋନ୍ ଦିଦିଙ୍କ କଥା, ଯୋଗର ଉପାଦେୟତା ଏବଂ 'ଯୋଗ ଦିବସ' ପାଳନର ମହତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ଉପସ୍ଥାପନା କରିଥିଲେ । ପ୍ରଧାନମନ୍ତ୍ରୀ 'ସ୍ୱଚ୍ଛ ଭାରତ' କଥା ପ୍ରକାଶ କରିବା ସହ ମକାଲୁ ପର୍ବତର ଶୀର୍ଷ ସ୍ଥାନକୁ ଆଇଟିବିପି ଟିମ୍ ଙ୍କ ସଫେଇ କରିବାର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ତତସହିତ ପେପର ୱେଷ୍ଟର ପୁନଃ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ । ନିକଟରେ ବିହାରରେ ଅନୁଷ୍ଠିତ ହୋଇଥିବା 'ଖେଳ ଇଣ୍ଡିଆ ୟୁଥ ଗେମ୍ସ' ଉପରେ କହିବା ସହ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ସମେତ ସମସ୍ତ ରାଜ୍ୟର ଖେଳାଳି ଓ ପଦକ ବିଜେତା ମାନଙ୍କ ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀ ଭୁୟସୀ ପ୍ରଶଂସା କରିଛନ୍ତି । ମେ' ୨୦ ତାରିଖରେ ପାଳିତ ହୋଇଥିବା 'ବିଶ୍ୱ ମହୁମାଛି ଦିବସ' ଏବଂ ଭାରତର 'ମଧୁ ମିଶନ' ସମ୍ପର୍କରେ ସେ ପ୍ରକାଶ କରିବା ସହ ମହୁ କିପରି ଦେଶରେ ସ୍ୱାସ୍ଥ୍ୟ, ଆତ୍ମନିଯୁକ୍ତି ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଉଛି, ତାହା ଉପସ୍ଥାପନ କରିଥିଲେ ।ତେବେ ଏହି କାର୍ଯ୍ୟକ୍ରମ କୁ ପୌରାଞ୍ଚଳର ବିଭିନ୍ନ ୱାର୍ଡ ରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସମବେତ ହୋଇ ଶୁଣିଥିବା ବେଳେ ପାରାଦୀପ ବିଜେପି କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ବହୁ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଙ୍କ ଗହଣରେ ଏହି ମନ କୀ ବାତ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ ଦେଖିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray